ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.70 Bhubaneswar Thursday April 20 2023 | ୨୬ତମ ବର୍ଷ ସଂଖ୍ୟା-୭୦ ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୨୦, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## କଂଗ୍ରେସ ଷ୍ଟାର ପ୍ରଚାରକ ତାଲିକାରୁ ସଚିନ ପାଇଲଟ ଆଉଟ୍

ନୂଆଦିଲ୍ଲୀ,୧୯।୪(ପି.ଏନ): କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ଷ୍ଟାର ପ୍ରଚାରକ ତାଲିକା ଜାରି କରାଯାଇଛି। ଏହି ତାଲିକାରେ ରାଜସ୍ଥାନ କଂଗ୍ରେସର ବରିଷ୍ଠ ନେତା ସଚିନ ପାଇଲଟଙ୍କ ନାଁ ନାହିଁ। ନିକଟରେ ସଚିନ ପାଇଲଟ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ବିବାଦ ଜାରି ରହିଥିବା ବେଳେ କଂଗ୍ରେସ ଏବେ ସଚିନଙ୍କୁ କର୍ଣ୍ଣାଟକା ବିଧାନସଭା ନିର୍ବାଚନର ଷ୍ଟାର ପ୍ରଚାରକ ତାଲିକାରୁ ବାଦ ଦେଇଛି।ଏହି ତାଲିକାରେ ନିକଟରେ ବିଜେପି ଛାଡି କଂଗ୍ରେସରେ ସାମିଲ ହୋଇଥିବା ଜଗଦୀଶ ଶେଟ୍ଟରଙ୍କ ନାଁ ରହିଛି। ଜଗଦୀଶ ହେଉଛନ୍ତ କର୍ଣ୍ଣାଟକାର ପୂର୍ବତନ ମୁଖ୍ୟମନ୍ତ୍ରୀ। ବିଜେପି ତାଙ୍କୁ ଟିକେଟ ନ ଦେବାରୁ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଦଳ ତାଙ୍କୁ ହୁବ୍ଲି ଆସନରୁ ପ୍ରାର୍ଥୀ କରିବା ସହ ଏବେ ଷ୍ଟାର ପ୍ରଚାର ତାଲିକାରେ ମଧ୍ୟ ସାମିଲ କରିଛି।



## ସୁଦାନ ହିଂସାକାଣ୍ଡକୁ ନେଇ ଭାରତରେ ବୟାନବାଜି; ଜୟଶଙ୍କର- ସିଦ୍ଦରମେୟା ମୁହାଁମୁହିଁ

ନୂଆଦିଲ୍ଲୀ,୧୯।୪(ପି.ଏନ): ସୁଦାନରେ ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀ ମୁହାଁମୁହିଁ ହୋଇ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି। ଅଶାନ୍ତ ସୁଦାନରେ ବହୁ ସଂଖ୍ୟାରେ ଭାରତୀୟ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ କର୍ଣ୍ଣାଟକା ବାସିନ୍ଦା। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ନେଇ ଉଭୟ କେନ୍ଦ୍ର ସରକାର ଓ କର୍ଣ୍ଣାଟକାର ବରିଷ୍ଠ କଂଗ୍ରେସ ନେତା ସିଦ୍ଦରାମୟାଙ୍କ ମଧ୍ୟରେ ଆରମ୍ଭ ହେଲାଣି ଭାଷଣବାଜି। ସିଦ୍ଧରାମୟା ଗତକାଲି କରିଥିବା ଟ୍ୱିଟ୍‌କୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭଡକିବା ସହ ଏହାକୁ ନେଇ ରାଜନୀତି ନ କରିବାକୁ କହିଛନ୍ତି। ସିଦ୍ଧାରମେୟା ଗତକାଲି କରିଥିବା ଟ୍ୱିଟ ଅନୁଯାୟୀ, ସୁଦାନର ପରିସ୍ଥିତି ଅଶାନ୍ତ ହୋଇ ପଡିଥିବା ବେଳେ କର୍ଣ୍ଣାଟକାର ୩୧ ନାଗରିକ ସେଠାରେ ଫସି ରହିଛନ୍ତି। ମାତ୍ର ସେମାନଙ୍କୁ ଉଦ୍ଧାର କରିବାକୁ ଭାରତ ସରକାର ତତ୍ପରତା ପ୍ରକାଶ କରୁ ନାହାନ୍ତି।ଏହାକୁ ଦୃଢ ଭାବେ ଖଣ୍ଡନ କରିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର। ଏପରି ବୟାନବାଜି ଦ୍ୱାରା କୌଣସି ରାଜନୈତିକ ଫାଇଦା ମିଳିବନି। ବରଂ ଏହାଦ୍ୱାରା ସୁଦାନରେ ଫସିଥିବା ଭାରତୀୟଙ୍କ ଜୀବନ ପ୍ରତି ଅଧିକ ବିପଦ ଦେଖାଯିବ ବୋଲି ସେ କହିଛନ୍ତି।





## ଅନାଥ ଶିଶୁକୁ ପୋଷ୍ୟପୁତ୍ର ଭାବେଗ୍ରହଣ କଲେ ବାଙ୍ଗାଲୁରର ଦମ୍ପତି

ମାଲକାନଗିରି, ୧୯।୪(ପି.ଏନ): ମାଲକାନଗିରି ଜିଲ୍ଲାର ଜଣେ ଅନାଥ ଶିଶୁ ସନ୍ତାନକୁ କୋଳେଇ ନେଇ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଛନ୍ତି ସୁଦୂର ବାଙ୍ଗାଲୁରର ଦମ୍ପତି । ଏହି ପୋଷ୍ୟସନ୍ତାନ ଗ୍ରହଣ ସମ୍ପର୍କରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଅଦାଲତରେ ହିଅରିଂ ରହିଥିଲା, ବେଙ୍ଗାଲୁରର ଏହି ଦମ୍ପତି ଶିଶୁଟିର ଠିକ ଭାବେ ଯତ୍ନନେବା ସହିତ ଉତମ ଭାବେ ଲାଳନ ପାଳନ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ଅନୁଭବ କଲାପରେ ଶିଶୁକୁ ହସ୍ତାନ୍ତର କରିଛି।ଏହି ହସ୍ତାନ୍ତର କାର ?ୟକ୍ରମ ରେ ଜିଲ୍ଲାପାଳ ବିଶାଲ ସିଂ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ଦାସ, ଶିଶୁ ସୁରକ୍ଷା ଅନୁଷ୍ଠାନ ଯନ୍ତ୍ର ଅଧିକାରୀ ସୁଦେଷ୍ନା ରାଉତ,ମାଲକାନଗିରି ସା ପରିଚାଳିକା ଶୋଭା ରାଣୀ ପି ଓ ପୌଷ୍ୟ ସନ୍ତାନ ଗ୍ରହଣକାରୀ ବେଙ୍ଗାଲୁରର ଦମ୍ପତି ସୁଦୁଲାଇ ମୁଂଟୁ ଓ ତାଙ୍କ ପନ୍ୀ ରାଜଲକ୍ଷ୍ମୀ ଉପସ୍ଥିତ ଥିଲେ। ଜିଲ୍ଲାରେ ଏହି ଅନାଥ ଓ ଅସହାୟ ଶିଶୁଙ୍କ ପାଇଁ ପ୍ରଶାସନ ପକ୍ଷରୁ ପରିବର୍ତନ ନାମକ ସଂସ୍ଥାକୁ ଦାୟତ୍ୱ ଦିଆଯାଇଥିବା ବେଳେ ଏହି ସଂସ୍ଥାର ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ କିଛି ମାସ ତଳେ ଏକ ଅନାଥ ଶିଶୁ ସନ୍ତାନକୁ ସା ଗୃହରେ ରଖିଥିଲେ।

## ମାଟ୍ରିକ୍ ପରୀକ୍ଷା ଦେଇ ଉତ୍ତର ଖାତାକୁ ନେଇ ଘରକୁ ପଳେଇଲେ ଛାତ୍ରୀ

ବାଲେଶ୍ୱର, ୧୯।୪(ପି.ଏନ): ମାଟ୍ରିକ୍ ପରୀକ୍ଷା ଦେଇ ଉତ୍ତର ଖାତାକୁ ନେଇ ଘରକୁ ପଳେଇଲେ ଛାତ୍ରୀ । ଖାତା ଦେଖା ବେଳକୁ ଖାତା ନପାଇ ଛାତ୍ରୀଙ୍କ ଘରେ ପହଞ୍ଚିଲେ ସ୍କୁଲ ଶିକ୍ଷକ । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କ୍ଷିରକୋଣା ଉପେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ । ଜଣେ ଛାତ୍ରୀ ପରୀକ୍ଷା ଦେଇସାରି ନିଜର ଉତ୍ତର ଖାତା ଘରକୁ ନେଇଯାଇଥିଲେ ।ସୂଚନା ଅନୁସାରେ ଜାମୁଝାଡ଼ିରେ ଥିବା ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ଜଣକ ମାଟ୍ରିକ ପରୀକ୍ଷା ଦେଉଥିଲେ । ସେଠାରେ ଗଣିତ ପରୀକ୍ଷା ଦେଇସାରି ସେହି ଦିନ ଘରକୁ ଖାତା ନେଇଯାଇଥିଲେ । ଉତ୍ତର ଖାତାକୁ ନେଇ ଘରେ ରଖିଦେଇଥିଲେ । ଯେତେବେଳେ ମାଟ୍ରିକ ଖାତା ଦେଖା ଆରମ୍ଭ ହେଲା, ସେତେବେଳେ ଏହି କଥା ସାମ୍ନାକୁ ଆସିଥିଲା । ଅନ୍ୟପଟେ ଛାତ୍ରୀ ଜଣଙ୍କ ଭୁଲରେ ପ୍ରଶ୍ନ ପତ୍ର ଯାଗାରେ ଉତ୍ତର ଖାତା ନେଇ ଆସିଥିବା କହିଛନ୍ତି ।

## ରାଜ୍ୟର ପ୍ରଥମ ଆଦର୍ଶ ମହିଳା ଭେଣ୍ଡିଂଜୋନ୍ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୪(ପି.ଏନ): ରାଜ୍ୟର ପ୍ରଥମ ଆଦର୍ଶ ମହିଳା ଭେଣ୍ଡିଂ ଜୋନ୍ ଲୋକାର୍ପିତ । ଏହି ଆଦର୍ଶ ମହିଳା ଭେଣ୍ଡିଂଜୋନକୁ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭୁବନେଶ୍ୱର କସମୋପଲିସ ଅଞ୍ଚଳରେ ବିଏମସି ପକ୍ଷରୁ ନିର୍ମାଣ କରାଯାଇଛି ଏହି ସ୍ୱତନ୍ତ୍ର ତଥା ଆଦର୍ଶ ଭେଣ୍ଡିଂ ଜୋନ। ଭେଣ୍ଡିଂ ଜୋନରେ ୪୨ଟି ଦୋକାନ ରହିଛି । ଏଥିପାଇଁ ମୋଟ ୧ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ ହୋଇଛି ।ଅଭିରାମ ଆଞ୍ଚଳିକ ମହିଳା ମହାସଂଘ ଦ୍ୱାରା ଏହି ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି । ଭେଣ୍ଡିଂ ଜୋନରେ ପାନୀୟ ଜଳ, ଶୌଚାଳୟ, ବସିବା ପାଇଁ ଚୌକି, ଆଲୋକୀକରଣ ସହିତ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା କରାଯାଇଛି । ଆଗକୁ ବିଏମସିର ଅନ୍ୟ ଜୋନରେ ଅନୁରୂପ ମହିଳା ଭେଣ୍ଡିଂ ଜୋନ ପ୍ରତିଷ୍ଠା କରାଯାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ କରିବାକୁ ବିଏମସି ଯୋଜନା ରଖିଛି।

## ଜଳୁଛି ଓଡିଶା, ବାରିପଦା ରେକର୍ଡ ଭାଙ୍ଗୁଛି

ଭୁବନେଶ୍ୱର,୧୯।୪(ପି.ଏନ): ମୟୂରଭଂଜରେ ମଧ ତାପମାତ୍ରା ବଢୁଛି। ଲଗାତାର ତୃତୀୟ ଦିନରେ ବୁଧବାର ମଧ ବାରିପଦା ରାଜ୍ୟର ଉତ୍ତପ୍ତ ସହର ହୋଇଛି। ଏଠାରେ ଆଜି ତାପମାତ୍ରା ୪୪.୫ ଡିଗ୍ରି ରେକର୍ଡ କରାଯାଇଛି। ବାରିପଦାରେ ତାପମାତ୍ରା ମଙ୍ଗଳବାର ୪୨.୨ ଡିଗି ଓ ସୋମବାର ୪୨.୨ ଡିଗ୍ରି ରେକର୍ଡ କରାଯାଇଥିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଭାଗ କହିଛି ଯେ, ରାଜ୍ୟର ୩୦ଟି ସହରରେ ତାପାମାତ୍ରା ୪୦ ଡିଗ୍ରି ଉପରେ ରେକର୍ଡ କରାଯାଇଛି। ବାରିପଦା ପରେ ନୂଆପଡା ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ସହର ଭାବେ ତାପାମାତ୍ରା ୪୪.୪ ଡିଗ୍ରି ରେକର୍ଡ ହୋଇଛି। ବଲାଙ୍ଗୀରରେ ୪୪ ଡିଗ୍ରି ପାରା ଛୁଇଁଥିବା ବେଳେ ଭବାନୀପାଟଣା, ସୋନପୁର ସହିତ ରାଜଧାନୀ ଭୁବନେଶ୍ୱରବାସୀ ୪୨.୫ ଡିଗ୍ରିରେ ସିଝିଛନ୍ତି। ଅନ୍ୟପଟରେ ଭାରତୀୟ ପାଣିପାଗ ବିଭାଗ କହିଛି ଯେ ଆସନ୍ତା ୨୧ ତାରିଖରୁ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୨ରୁ ୨୪ ମଧ୍ୟରେ ଦକ୍ଷିଣ ଓଡ଼ିଶା ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବ। ଏହି ବର୍ଷା ନିଶ୍ଚିତ ଭାବରେ ତାପମାତ୍ରାକୁ ହ୍ରାସ କରିବ ଏବଂ ଗରମ ପାଗରୁ କିଛି ମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଆହୁରି ୨ରୁ ୩ଦିନ ରହିବ ତାତି। ପରବର୍ତ୍ତୀ ୨ରୁ ୩ଦିନ ପରେ ୨ରୁ ୪ଡିଗ୍ରୀ ତାପମାତ୍ରା କମିବ। ୨୨ତାରିଖ ପରେ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଉପକୂଳ ଓଡିଶାରେ ଆର୍ଦ୍ରତା ୪୦ରୁ ୫୦% ରହୁଛି । ଆଜି ୧୧ଜିଲ୍ଲାକୁ ହିଟୱେଭ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତାକାଲି ପାଇଁ ୬ଜିଲ୍ଲାକୁ ହିଟୱେଭ ୱାର୍ଣ୍ଣିଂ ଜାରି ହୋଇଛି। ଆଜି ଦିନ ୧୧ଟା ୩୦ ସୁଦ୍ଧା ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ାରେ ତାପମାତ୍ରା ୪୦.୮ ଡ଼ିଗ୍ରୀ ରେକର୍ଡ ହୋଇଛି । ସେହିପରି କେନ୍ଦୁଝରରେ ୩୯.୨, ଭୁବନେଶ୍ୱରରେ ୩୯, ସମ୍ବଲପୁରରେ ୩୯ , ବାଲେଶ୍ୱରରେ ୩୭.୮, ହୀରାକୁଦରେ ୩୭.୮, ଚାନ୍ଦବାଲିରେ ୩୭.୪, ପୁରୀରେ ୩୪, ଗୋପାଳପୁରରେ ୩୩.୬ ଓ ପାରାଦୀପରେ ୩୨.୪ ଡ଼ିଗ୍ରୀ ରେକର୍ଡ ହୋଇଛି ।

## ଅସ୍ତ୍ରୋପଚାର ପ୍ରସବରେ ରେକର୍ଡ ଭାଙ୍ଗୁଛି ଓଡିଶା

ଭୁବନେଶ୍ୱର,୧୯।୪(ପି.ଏନ): କେବଳ ଜଗତସିଂହପୁର ଜିଲ୍ଲାରେ ଗତ ତିନି ବର୍ଷରେ ଉଭୟ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମୋଟ ୨୯,୭୪୦ ଶିଶୁ ଜନ୍ମ ହୋଇଥିବା ବେଳେ ଏଥିରୁ ୧୨,୦୮୯ ଶିଶୁ ଅର୍ଥାତ୍ ୪୦% ଶିଶୁଙ୍କୁ ଅସ୍ତ୍ରୋପଚାର ବା ସଜେରିଆନ୍ ଜରିଆରେ ଡେଲିଭରି କରାଯାଇଛି। ତେବେ ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ଜଗତସିଂହପୁର ଜିଲ୍ଲାରେ ତିନି ବର୍ଷରେ ଘରୋଇ ହସ୍ପିଟାଲରେ ୧୦,୮୪୦ ଶିଶୁ ଜନ୍ମ ହୋଇଥିବା ବେଳେ ଏଥିରୁ ୮,୧୭୪ଜଣ ଶିଶୁଙ୍କୁ ଅର୍ଥାତ୍ ୭୫% ଶିଶୁଙ୍କୁ ଅସ୍ତ୍ରୋପଚାର ବା ସଜେରିଆନ୍ ଡେଲିଭରି ଜରିଆରେ ପ୍ରସବ କରାଯାଇଛି। ପ୍ରାକୃତିକ ଉପାୟରେ ସାଧାରଣ ପ୍ରସବକୁ ଗୁରୁତ୍ୱ ଦିଆଯିବା ଉଚିତ। କେବଳ ଜଟିଳ ପରିସ୍ଥିତିରେ ଅସ୍ତ୍ରୋପଚାର ବା ସଜେରିଆନ୍ ଡେଲିଭରି କରାଯାଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ- 'ଡବ୍ଲୁଏଚ୍ଓ' ଅସ୍ତ୍ରୋପଚାର ପ୍ରସବ ବା ସଜେରିଆନ୍ ଡେଲିଭରିକୁ ଅତିବେଶିରେ ୧୫% ଭିତରେ ସୀମିତ ରଖିବାକୁ ଉଚିତ ବୋଲି ପରାମର୍ଶ ଦେଇଛି। ତେବେ ଦେଖାଯାଉଛି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି କିଛି ମାଗଣା ସ୍ୱାସ୍ଥ୍ୟ ବୀମା ସୁବିଧା ମିଳିବା ପରେ ଏହି ସଂଖ୍ୟା ବଢ଼ିଯାଉଛି ବୋଲି କହିଛନ୍ତି- ସ୍ୱାସ୍ଥ୍ୟ ସମାଜସେବୀ ତଥା 'ସହଯୋଗ'ର ସଂପ୍ରାଦିକା ବିଜୟଲକ୍ଷ୍ମୀ ରାଉତ୍ର।

## କ'ଣ ଏହି ଜାତୀୟ କ୍ୱାଟମ ମିଶନ? କ୍ୟାବିନେଟ ଦେଲା ମଞ୍ଜୁର

ଭୁବନେଶ୍ୱର,୧୯।୪(ପି.ଏନ): କମ୍ପ୍ୟୁଟର ଟେକ୍ନୋଲୋଜିକୁ ଅଧିକ ବିକଶିତ କରିବା କ୍ଷେତ୍ରରେ କେନ୍ଦ୍ର ସରକାର ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ଆଜି ଜାତୀୟ କ୍ୱାଣ୍ଟମ୍ ମିଶନକୁ ଅନୁମୋଦନ କରିଛନ୍ତି। ଆଜି ଜାତୀୟ କ୍ୱାଣ୍ଟମ୍ ମିଶନ୍ ଘଛଗର ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି।ଏହି ମିଶନ ପାଇଁ କେନ୍ଦ୍ର ସରକାର ୨୦୨୩-୨୪ରୁ ରୁ ୨୦୩୦-୩୧ ମଧ୍ୟରେ ମୋଟ ୬୦୦୩.୬୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

## ଇଦ୍ ଓ ଅକ୍ଷୟ ତୃତୀୟା ପୂର୍ବରୁ ନୂଆ ନିର୍ଦ୍ଦେଶନାମା ଜାରି କଲେ ସରକାର

ନୂଆଦିଲ୍ଲୀ,୧୯।୪(ପି.ଏନ): ଆଗକୁ ଆସୁଥିବା ଇଦି ଓ ଅକ୍ଷୟ ତୃତୀୟ ଭଳି ଧାର୍ମିକ ପର୍ବ ପୂର୍ବରୁ ଉତ୍ତର ପ୍ରଦେଶ ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟରେ ଏହି ଧାର୍ମିକ ପର୍ବ ବହୁଳ ଭାବେ ଆୟୋଜିତ ହେଉଥିବାରୁ ସରକାର ସମସ୍ତଙ୍କୁ ଆଗୁଆ ସତର୍କ କରାଇ ଦେଇଛନ୍ତି। କୌଣସି ଧାର୍ମିକ କାର୍ଯ୍ୟକ୍ରମ ରାସ୍ତା ଓ ଟ୍ରାଫିକକୁ ବନ୍ଦ କରି ଆୟୋଜନ କରାଯାଇ ପାରିବ ନାହିଁ ବୋଲି ଉତ୍ତର ପ୍ରଦେଶ ସରକାର କହିଛନ୍ତି।ପ୍ରିନ୍ସିପାଲ ସଚିବ (ଗୃହ) ସଞ୍ଜୟ ପ୍ରସାଦ, ଡିଜିପି ଆରକେ ବିଶ୍ୱକର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ରାଜ୍ୟର ବିଭିନ୍ନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ସୀମକ୍ଷା ବୈଠକ



କରିଥିଲେ। ବୈଠକରେ ଆବଶ୍ୟକ ଗାଇଡଲାଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାପରେ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି।ଡିଜିପି ବିଶ୍ୱକର୍ମା କହିଛନ୍ତି ଯେ ଧାର୍ମିକ ପୀଠ ଗୁଡିକର ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ। ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ଅତିରିକ୍ତ ଫୋର୍ସ ମୁତୟନ ହେବେ। ସଚିବ ସଞ୍ଜୟ ପ୍ରସାଦ ଫିଲ୍ଡରେ କାମ କରୁଥିବା ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ମିକ କାର୍ଯ୍ୟକ୍ରମ ଓ ପ୍ରାର୍ଥନା ଧାର୍ଯ୍ୟ ସ୍ଥାନଗୁଡକରେ ଯେମିତି ହେବ, ତା'କୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମହାନଦୀ ଜଳ ଉପରେ ରହିଛି ଓଡ଼ିଶାର ଅଧିକାର: ପ୍ରଫୁଲ୍ଲ ସାମଲ

ଭୁବନେଶ୍ୱର,୧୯।୪(ପି.ଏନ): ମହାନଦୀ ଜଳ ଉପରେ ଓଡ଼ିଶାର ଅଧିକାର ରହିଛି । ତେଣୁ ଓଡ଼ିଶାକୁ ତାହାର ପ୍ରାପ୍ୟ ମିଳୁ ବୋଲି ଦାବି କରିଛନ୍ତି ବରିଷ୍ଠ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ । ମହାନଦୀ ଜଳ ବିବାଦ ନେଇ ରାଜ୍ୟ ସରକାର ସମସ୍ତ ତଥ୍ୟ ଦେଇ ଟ୍ରିବ୍ୟୁନାଲରେ ଆଇନଗତ ଲଢେଇ ଜାରି ରଖିଛନ୍ତି । ଅନ୍ୟପଟେ ଛତିଶଗଡ଼ ସରକାର ସମସ୍ତ ନିୟମ ଉଲ୍ଲଘଂନ କରି ମହାନଦୀରେ ଏକାଧିକ ବ୍ୟାରେଜ ନିର୍ମାଣ କରିଛନ୍ତି । ଯାହାକୁ ନେଇ ଛତିଶଗଡ଼ ସରକାର ବିରୋଧରେ ଉଠିଛି ପ୍ରତିବାଦର ସ୍ୱର । ବର୍ତ୍ତମାନ ଛତିଶଗଡ଼ରେ କଂଗ୍ରେସ ସରକାର ଥିଲେ ସୁଦ୍ଧା ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଛତିଶଗଡ଼ ସରକାରଙ୍କୁ ସମାଲୋଚନା କରିଛନ୍ତି । ସେପଟେ ବିବାଦର ସମାଧାନ ପାଇଁ କ୍ଷେତ୍ର ପରିଦର୍ଶନ କରିବାକୁ ପ୍ରଥମ ଥର ଲାଗି ଟ୍ରିବ୍ୟୁନାଲର ସଦସ୍ୟମାନେ ଉଭୟ ରାଜ୍ୟର ଗ୍ରାଉଣ୍ଡ ଜିରୋରେ ପହଞ୍ଚିଛନ୍ତି । ଖୁବଶୀଘ୍ର ଟିମ ସମସ୍ତ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦେବେ । ଟ୍ରିବ୍ୟୁନାଲର ସଦସ୍ୟଙ୍କ ଗସ୍ତ ପରେ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ବିବାଦର ସମାଧାନ ହେବ ବୋଲି ସେ କହିଥିଲେ।

## ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଙ୍କ ଦୁଇ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତ

ଭୁବନେଶ୍ୱର/ବଲାଙ୍ଗିର,୧୯।୪ (ପି.ଏନ): ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଦୁଇ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ପରିଦର୍ଶନ କରିବା ସହ କାର୍ଯ୍ୟ ସମୀକ୍ଷା କରିଛନ୍ତି ।ଉନ୍ନୟନ କମିଶନର ଗତକାଲି ମଙ୍ଗଳବାର ପ୍ରଥମେ ତୁଷୁରା ଉଡାଜାହାଜ ପଡିଆ ରେ ପହଞ୍ଚିବା ପରେ ତୁଷୁରା ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲେ । ପରେ ପରେ ସେ ତୁଷୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇ ସେଠାରେ ରୋଗୀ ସେବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ସେ ଗୁଡଭେଲା ସ୍ଥିତ ରାଉଲ ନଦୀରେ ନିର୍ମାଣଧୀନ ଅନ୍ତଃନଦୀ ଜଳାଶୟ(ଇନଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର) ପ୍ରକଳ୍ପ ପରିଦର୍ଶନ କରି ଓ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଜଳ ସମ୍ପଦ ,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଙ୍କ ସମେତ ରାଜ୍ୟ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ,ମୁଖ୍ୟ ଯନ୍ତ୍ରୀ ଙ୍କ ସମେତ ରାଜ୍ୟ ଏବଂ ଜିଲ୍ଲାର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।ଏହି ଗସ୍ତ ପରିପ୍ରେକ୍ଷୀରେ ଉନ୍ନୟନ କମିଶନର ବଲାଙ୍ଗୀର ସ୍ମାର୍ଟ ପାର୍କ ନିକଟରେ ନିର୍ମାଣାଧିନ ଜାତୀୟ ରାଜପଥ ବାଇପାସ୍ କାର୍ଯ୍ୟ ସହ ସ୍ମାର୍ଟ ପାର୍କ ସହ ବିଜା ଖମଣସ୍ଥିତ ଟ୍ରକ ଟର୍ମିନାଲ ପରିଦର୍ଶନ କରିଥିଲେ । ସେଠାରୁ ସେ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଛତାମଖନାସ୍ଥିତ ଅନ୍ତନଦୀ ଜଳାଶୟପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ପରେ ସେ ଲାଲଟିକିରା ସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ (ଶିକ୍ଷାଦାନ ) ହସ୍ପିଟାଲ ଓ ଅନ୍ୟାନ୍ୟ ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ସହ ଜିଲ୍ଲାପାଳ ,କାର୍ଯ୍ୟ ନିର୍ବାହୀ ସଂସ୍ଥା ଏବଂ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ତଥା ଅଧକ୍ଷଙ୍କ ସହ ଏ ସଂପର୍କରେ ଆଲୋଚନା କରିଥିଲେ ।ପରେ ଉନ୍ନୟନ କମିଶନର ପାଟଣାଗଡ ରାମପାଲି ସ୍ଥିତ ଅନ୍ୱ ?ଷା ହଷ୍ଟେଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଶୈକ୍ଷିକ ବାତାବରଣ ତଥାସେମାନଙ୍କର ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ ।ସୋମାନଙ୍କ ସହ ମଧ୍ୟାହ୍ନ ଭୋଜନରେ ସାମିଲ ହୋଇ ଭାତ, ସୋୟାବଡ଼ି ତରକାରୀ ଖାଇଥିଲେ ଏବଂ ସେଠାରେକିଛି ସମୟ ଅତିବାହିତ କରିଥିଲେ । ସେମାନଙ୍କ ସହିତ ଆଲୋଚନା ଅତି ସୁନ୍ଦର ଅନୁଭୂତି ଥିଲା ବୋଲି ଶ୍ରୀମତୀ ଗର୍ଗ ପ୍ରକାଶ କରିଛନ୍ତି ଏହାପରେ ସେ ହରିଶଙ୍କର ଯାଇ ମନ୍ଦିର ପରିଦର୍ଶନ କରିବା ସହ ହରିଶଙ୍କର ପର୍ଯ୍ୟଟନ ସ୍ଥଳୀର ବିକାଶ ନିମନ୍ତେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ତଦାରଖ କରିଥିଲେ । ସେଠରେ ମିଶନ ଶକ୍ତି ପାନ୍ଥନିବାସ ପରିଦର୍ଶନ କରିମିଶନ ଶକ୍ତି କେଫ୍ ସହ ପାର୍କିଂ ଅଂଚଳ ପରିଚାଳନା କରୁଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରି ସେମାନଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ ।ପରେ ପରେ ସେ ବଲାଙ୍ଗିରର ଜୀବନ ରେଖା କୁହାଯାଉଥିବା ନିର୍ମାଣାଧିନ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।ଏହି ଅବସରରେ ସେ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ଚଳିତ ବର୍ଷ ଏହି ପ୍ରକଳ୍ପକୁ ଶେଷ କରିବାକୁ ନିର୍ଦ୍ଦେଶ ରହିଛି । ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସମସ୍ତ ଇଂଜିନିୟରିଂ ଟିମ୍ ଓ ନିର୍ମାଣ ସଂସ୍ଥାର ସମସ୍ତ କର୍ମଚାରୀ ଦିନରାତି ପରିଶ୍ରମ କରି ଏହି ପ୍ରକଳ୍ପକୁ ଶୀଘ୍ର ଶେଷ କରିବାରୁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଆମେ ଡ୍ରୋନ୍, ହ୍ୱାଟ୍ସ ଆପ୍ ଭଳି ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରି ସବୁ ସମୟରେ ଏହି ପ୍ରକଳ୍ପର ନିର୍ମାଣ ଅଗ୍ରଗତି ସଂପର୍କରେ ସ୍ଥିତି ଅନୁଧ୍ୟାନ କରୁଛୁ । ଆଗାମୀ ଜୁଲାଇ ମାସରୁ ଆମେ ବର୍ଷାଜଳକୁ ରଖିପାରିବୁ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଥିଲେ । ଏହି ପ୍ରକଳ୍ପ ଦ୍ୱାରା ୪୦ହଜାର ହେକ୍ଟର ଜମିକୁ ଜଳ ସେଚନ ସୁବିଧା ମିଳିବା ସହ ବଲାଙ୍ଗୀରବାସୀଙ୍କୁ ଜଳାଭାବ ଦୂର କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଚଞ୍ଚଳ ରାଣା , ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକରଙ୍କ ସମେତ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସ୍ଥାନୀୟ ସର୍କିଟ ହାଉସ ଠାରେ ପହଞ୍ଚି ସେଠାରେ ବଲାଙ୍ଗିର ଜିଲ୍ଲାରେ ଜଳ ସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସମେତ ମେଗା ଲିଫ୍ଟ ପ୍ରକଳ୍ପ ,ଉଠା ଜଳସେଚନ ପ୍ରକଳ୍ପ , କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ସମୀକ୍ଷା ବୈଠକରେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ଚଡ୍ଡା , ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା ,ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ,ମୁଖ୍ୟ ଯନ୍ତ୍ରୀ -ତେଲ ବେସିନ ସନ୍ତୋଷ କୁମାର ମହାପାତ୍ର ,ମୁଖ୍ୟ ଯନ୍ତ୍ରୀ (ଯୋଜନା ଓ ନକ୍ସାଙ୍କନ ) ସାଗର ମହାନ୍ତି ,ମୁଖ୍ୟ ଯନ୍ତ୍ରୀ-କ୍ଷୁଦ୍ର ଜଳସେଚନ ବସନ୍ତ ରାଉତ,ମୁଖ୍ୟ ଯନ୍ତ୍ରୀ ଡ୍ୟାମ ନିରାପତ୍ତା- ଶିବାଶିଷ ପାଢୀ ,ମୁଖ୍ୟ ଯନ୍ତ୍ରୀ ମେଗା ଲିଫ୍ଟ ଚିନ୍ମୟ ରାଉତ ,ଓଡିଶା ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାସ, ଟାଟା ପାଓ୍ୱାର ର ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ ସଂପୃକ୍ତ ବିଭିନ୍ନ ଶାଖାର ଯନ୍ତ୍ରୀ ଓ ପଦାଧିକାରୀ ଉପସ୍ଥିତ ଥିଲେ ।

## ଷ୍ଟ୍ରେଚର୍ ସାହାଯ୍ୟରେ ଶବକୁ ଟାଣି ଟାଣି ୮ କିଲୋମିଟର ନେଲେ ପରିବାର ଲୋକେ

ନୂଆପଡ଼ା,୧୯।୪(ପି.ଏନ): ଗୋଟିଏ ପଟେ ନବୀନଙ୍କ ବିକାଶର ସ୍ୱପ୍ନ ଅନ୍ୟପଟେ ମୋଦିଙ୍କ ଡିଜିଟାଲ ଇଣ୍ଡିଆ । ଦେଶ ବିଦେଶରେ ପଡିଆଲା ଜାହିର କରିବା ପାଇଁ ରାଜନୈତିକ ବୟାନବାଜି, ହେଲେ ଏ ସବୁ ଭିତରେ ନୂଆପଡ଼ା ଜିଲ୍ଲା କଳା ପଚ୍ ପଚ୍ ବିଜୁ ଏକ୍ସପ୍ରେସ ରାସ୍ତାରେ ଦେଖିବାକୁ ମିଳିଛି ଏକ ପରିବାରର ଶବ ଶୋଭାଯାତ୍ରା । ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହେବା ପରି ଏଖବର ପଦାରେ ପକାଉଛି ବିକାଶର ଚିତ୍ର ଦେଖାଉଥିବା ସରକାରଙ୍କ ସ୍ୱପ୍ନ ପଛର ସତ । ନୂଆପଡ଼ା ଜିଲ୍ଲା ପାଲଟିଛି ଅଭାବ,ଅନଟନ ଓ ଦାରିଦ୍ର୍ୟର ପ୍ରତିଛବି ଯାହା ଠିକ୍ ଅଶୀ ଦଶକରେ ଘଟିଥିଲା ଏବେ ଠିକ୍ ସେହିପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ । ଷ୍ଟ୍ରେଚର୍ ସାହାଯ୍ୟରେ ଶବକୁ ୮କିଲୋମିଟର ନେଲେ ପରିବାର ଲୋକେ। ମୃତକ ଜଣକ ହେଲେ ସିନାପାଲି ବ୍ଲକ୍ ଅନ୍ତର୍ଗତ ନିଲଜି ଗ୍ରାମପଂଚାୟତ ଗଡ଼ରାମାଲ ଗ୍ରାମର ସରସ୍ୱତୀ ସା ବୟସ(୬୯), ସ୍ୱା:ଲମ୍ବୋଦର ସା, ବୋଲି ଜଣାପଡିଛି । ସୂଚନା ମତାବକ ସରସ୍ୱତୀଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ଇନଚାର୍ଜ ଶ୍ରୀମାନ ସାହୁ ଛୁଟିରେ ଥିବାବେଳେ ବର୍ତ୍ତମାନ ମୋନାଲି ପ୍ରିୟଦର୍ଶନୀ ଇନଚାର୍ଜରେ ଥିଲେ ଓ ହସ୍ପିଟାଲ କର୍ମଚାରୀ ଖେମାରାଜ ଘିଭେଲା, ସିଲୀ କର, ଡ. ନର୍ଗିସ ଯାହାନ ଉପସ୍ଥିତ ଥିଲେ କିନ୍ତୁ ବିପିଏମ ରତ୍ନମଣି ଭୋଏ ଉପସ୍ଥିତ ନ ଥିଲେ ସେ ବାହାଘରକୁ ଭୋଜି ଭାତ ଖାଇ ଯାଇଥିଲେ ଏବଂ କୌଣସି ସିକ୍ୟୁରିଟି ଉପସ୍ଥିତି ନ ଥିଲେ । ପରେ ମୃତକଙ୍କ ପରିବାର ବିପିଏମଙ୍କୁ ଫୋନ୍ କରି କହିବାରୁ ମୁଁ କିଛି ଜାଣିନି ବୋଲି କହିଥିଲେ । ସମସ୍ତ ହସ୍ପିଟାଲ୍ କର୍ମଚାରୀ ରହି କେମିତି ଘରକୁ ନେବା ପାଇ କାହା ଅଧିକାରରେ ଅନୁମତି ଦେଲେ ଓ କାହିଁକି ଅବହେଳା କଲେ ଏ ଚିନ୍ତାର ବିଷୟ ।ସରସ୍ୱତୀଙ୍କ ପ୍ରାୟ ୮ ଟାରେ ମୃତ୍ୟୁ ହୋଇଥିଲା । ଇନ୍ଚାର୍ଜ ପ୍ରିୟଦର୍ଶିନୀ ମଧ୍ୟ ତାଙ୍କ ଡିଉଟି କରିବା କଥା କିନ୍ତୁ ବାସଭବନରେ ରହିଥିଲେ ଆଉ ସାମ୍ବାଦିକ ଯାଇ ଉଠାଇଲା ପରେ ଉଠିଥିଲେ । ହସ୍ପିଟାଲ୍ କାର୍ଯ୍ୟକର୍ତ୍ତାଙ୍କୁ ପଚାରିବାରୁ ଗାଡ଼ି ବ୍ୟବସ୍ଥା କରିଛି କହିଲେ ହେଲେ କିଛି ବ୍ୟବସ୍ଥା ହେଲା ନାହିଁ । ଫଳରେ ଗାଡ଼ି ନ ମିଳିବାରୁ ନିରାଶୟ ହୋଇ ପରିବାର ଲୋକ ଷ୍ଟ୍ରେଚର ସାହାଯ୍ୟରେ ରାତି ପ୍ରାୟ ୧୨ ଘଣ୍ଟା ସମୟରେ ଘରକୁ ନେଉଥିବାର ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଛି। ମହାପ୍ରୟାଣ ଗାଡ଼ିର ସୁବିଧା ନଥିବାବେଳେ ଆରକେଏସ ରୋଗୀ କଲ୍ୟାଣ ସମିତିର କୋଟି କୋଟି ଟଙ୍କା ଯାଉଛି କୁଆଡେ ଭୂତ ଖାଉଛି ନା କିଏ ଏ ସବୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ଓ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଜାତୀୟ କ୍ୱାଣ୍ଟମ୍ ମିଶନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୯।୪(ପି.ଏନ): କମ୍ପ୍ୟୁଟର ଟେକ୍ନୋଲୋଜିକୁ ଅଧିକ ବିକଶିତ କରିବା କ୍ଷେତ୍ରରେ କେନ୍ଦ୍ର ସରକାର ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ଆଜି ଜାତୀୟ କ୍ୱାଣ୍ଟମ୍ ମିଶନକୁ ଅନୁମୋଦନ କରିଛନ୍ତି। ଆଜି ଜାତୀୟ କ୍ୱାଣ୍ଟମ୍ ମିଶନ୍ ଏକ୍ୟୁଏମର ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହି ମିଶନ ପାଇଁ କେନ୍ଦ୍ର ସରକାର ୨୦୨୩-୨୪ରୁ ରୁ ୨୦୩୦-୩୧ ମଧ୍ୟରେ ମୋଟ ୬୦୦୩.୬୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। କ୍ୱାଣ୍ଟମ୍ ଟେକ୍ନୋଲୋଜି ସାଧାରଣ କମ୍ପ୍ୟୁଟର ଅପେକ୍ଷା ଅନେକ ଗୁଣରେ ତା' ପୁଣି କମ୍ ସମୟରେ ଅନେକ ତଥ୍ୟକୁ ପ୍ରୋସେସ କରିପାରିବ। ଏହି ଟେକ୍ନୋଲଜି ଯୋଗାଯୋଗ, ସ୍ୱାସ୍ଥ୍ୟ, ଫାର୍ମା, ଆର୍ଥିକ କ୍ଷେତ୍ର, ଶକ୍ତି, ପ୍ରତିରକ୍ଷା ଓ ତଥ୍ୟ ସୁରକ୍ଷା ପ୍ରସଙ୍ଗରେ ଗେମଚେଞ୍ଜର ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ବର୍ତ୍ତମାନ ଆମେରିକା,ଚାଇନା, ଫ୍ରାନ୍ସ, ଅଷ୍ଟ୍ରିଆ ଓ ଫିନଲ୍ୟାଣ୍ଡ ଭଳି ଦେଶରେ ଏହି ଟେକ୍ନୋଲଜି ରିସର୍ଚ୍ଚ ଓ ବିକଶିତ ଷ୍ଟେଜରେ ରହିଛି। ହେଲେ ସେମାନେ ଏହାର ବ୍ୟବହାର କରି ନାହାନ୍ତି। ବର୍ତ୍ତମାନ ଭାରତ ଏହି ଦେଶଗୁଡିକ ତାଲିକାରେ ସାମିଲ ହୋଇଛି। ଭାରତକୁ ଗୋଟିଏ ଅଗ୍ରଣୀ ଦେଶ ଭାବେ ତିଆରି କରିବା ପାଇଁ ଏକ୍ୟୁଏମ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ବିଜ୍ଞାନ ଓ ଟେକ୍ନୋଲଜି ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, ଏଥିପାଇଁ ଚାରୋଟି ଭିନ୍ନ ହବ୍ ତିଆରି କରାଯିବ। ସେଗୁଡିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମିଶନ ନିର୍ଦ୍ଦେଶକ ଦ୍ୱାରା ପରିଚାଳିତ ହେବ। ଏହି ମିଶନର ମାଗଦର୍ଶକ ଭାବେ ଗୋଟିଏ ଗଭର୍ଣ୍ଣିଂ ବଡି ରହିବ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ**
**ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୨୦**

# ଆଇନ ଏବଂ ଶୃଙ୍ଖଳାର ହତ୍ୟା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ହାତକଡି ସହ ପୋଲିସ ଜିମାରେ ଥିବାବେଳେ ପୂର୍ବତନ ବିଧାୟକ ତଥା ଗ୍ୟାଙ୍ଗଷ୍ଟାର ଅତକ୍ ଅହମଦ୍ ଓ ତାଙ୍କର ଭାଇ ଖାଲିଦ୍ ଆଜିମ ଓରଫ ଆସଫ୍‌କୁ ସାମ୍ବାଦିକ ବେଶରେ ଆସି ତିନିଜଣ ଯୁବକ ଅତି ନିକଟରୁ ଗୁଳି କରି ହତ୍ୟା କରିବା ଘଟଣା ଉତରପ୍ରଦେଶର କେବଳ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଥିବା ସଂକେତ ପ୍ରଦାନ କରିନାହିଁ ହତ୍ୟା କରାଯାଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ସମାଜବାଦୀ ପାର୍ଟିର ଜଣେ ପୂର୍ବତନ ବାହୁବଳୀ ବିଧାୟକ ଭାବେ ଅତି ପରିଚିତ ଥିଲା। କେବଳ ଏତିକି ନୁହେଁ, ତା' ବିରୁଦ୍ଧରେ ଶତାଧିକ ଅପରାଧିକ ମାମଲା ମଧ୍ୟ ରହିଥିଲା। ଜଣେ ଯୁବ ବିଧାୟକଙ୍କୁ ୨୦୧୩ ମସିହାରେ ହତ୍ୟା କରାଥିବା ଅଭିଯୋଗରେ ଗୁଜରାଟ ଜେଲରେ ତାରିକ୍ ରହିଥିଲା। ଏହି ହତ୍ୟାକାଣ୍ଡ ମାମଲାର ମୁଖ୍ୟ ସାକ୍ଷୀଙ୍କୁ ନିକଟରେ ହତ୍ୟା ଘଟଣାରେ ତାକୁ ଉତରପ୍ରଦେଶକୁ ଅଣାଯାଇଥିଲା। ନିଜ ଜୀବନ ପ୍ରତି ଭୟ ଥିବା ସମ୍ପର୍କରେ ସେ ଗତ ମାସରେ ସୁପ୍ରିମକୋର୍ଟଙ୍କ ନିକଟରେ ଆଶଙ୍କା ପ୍ରକାଶ କରି କହିଥିଲା ଯେ, ଉତରପ୍ରଦେଶ ପୋଲିସ କିମ୍ବା ଅନ୍ୟ କେହି ତାକୁ ଏନକାଉଟଂରରେ ହତ୍ୟା କରିପାରେ। ଏବେ ତାହାହିଁ ଘଟିଛି। ହାତକଡି ପକାଇ ପୋଲିସ ତାକୁ କଡା ସୁରକ୍ଷା ବଳରେ ଡାକ୍ତରୀ ପରୀକ୍ଷା ପାଇଁ ନେଉଥିବାବେଳେ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ବେଶରେ ୩ଜଣ ଯୁବକ ତାକୁ ଏବଂ ତାର ଭାଇକୁ ଗୁଳି କରିଥିଲେ। ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ତାରିକର ଦେହରେ ୯ଟି ଗୁଳି ବାଜିଥିବାବେଳେ ଆସ୍‌ଫର ଦେହରେ ୫ଟି ଗୁଳି ଲାଗିଥିଲା। ସେତେବେଳେ ଅଦାଲତ ତାର ଆବେଦନକୁ ଗ୍ରହଣ କରିଥନଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଗୁରୁବାର ଦିନ ଝାନସିରେ ୟୁପି ପୋଲିସର ଜଣେ ଏନକାଉଟଂରରେ ତାରକି ପୁଅ ଆସଦ୍ ଅହମ୍ମଦରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗତ ଫେବୃୟାରୀରେ ସ୍ୱଷ୍ଟ ଦିବାଲୋକରେ ଉମେଶ ପାଲଙ୍କ ହତ୍ୟା ଘଟଣାରେ ଉଭୟ ବାପ-ପୁଅ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଉତରପ୍ରଦେଶରେ ହତ୍ୟାର ନାରକୀୟ ତାଣ୍ଡବ ସୃଷ୍ଟି କରିଥିବା ପୂର୍ବତନ ବିଧାୟକ ତଥା ଗ୍ୟାଙ୍ଗଷ୍ଟାର ତାରକି ଓ ତାର ଭାଇ ଏବଂ ପୁତ୍ରର ଅନ୍ତ ଘଟିଛି। ଏହି ଘଟଣା ଜନସାଧାରଣଙ୍କ ପାଇଁ ତଥା ଅତୀତରେ ସେମାନଙ୍କ ଶିକାର ହୋଇଥିବା ପରିବାର ବର୍ଗଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି ସତ, କିଛି ଉତରପ୍ରଦେଶରେ ଯେ, ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଛି, ଏହା ପ୍ରମାଣିତ କରିଛି। ପୋଲିସ ଉପସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ସେମାନଙ୍କର ହତ୍ୟା ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ତେବେ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ତିନିଜଣିଆ କମିଟି ତଦନ୍ତ କରିବ। ତାରିକ୍ ୧୭ବର୍ଷ ବୟସରୁ ତା'ର ନାରକୀୟ ଜୀବନ ଆରମ୍ଭ କରିଥିବାବେଳେ ଜୀବଦଶା ମଧ୍ୟାରେ ୧୦୦ରୁ ଉର୍ଦ୍ଧ୍ୱ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏପରିକି ମଧ୍ୟ ସମାଜବାଦୀ ପାର୍ଟି ଟିକେଟରେ ବିଧାୟକ ହୋଇଥିବା ବେଳେ ୯୦ଦଶକରେ ଉତରପ୍ରଦେଶରେ ଗ୍ୟାଙ୍ଗଷ୍ଟାରଙ୍କ ସୁପ୍ରିମୋ ମଧ୍ୟ ହୋଇପରିଥିଲା। ଆହୁରି ମଧ୍ୟ ଜେଲରେ ଥିବାବେଳେ ତାର ଅପରାଧ ସାମ୍ରାଜ୍ୟର ଅନ୍ତ ଘଟି ନଥିଲା। କଥାରେ ଅଛି, ଯିଏ ଯେଉଁଭଳି କର୍ମ କରିଥାଏ, ତାର ଫଳ ସେହିଭଳି ହୋଇଥାଏ। ବନ୍ଧୁକ ଗୁଳିରେ କାରବାର କରୁଥିବା ତାରିକ୍ ତାର ଭାଇ ଓ ପୁଅର ସେହି ବନ୍ଧୁକ ଗୁଳିରେ ଅନ୍ତ ଘଟିଛି। ଏହା ହିଁ ହେଉଛି ସତ୍ୟ। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ରେ ଯୋଗୀ ଆଦିତ୍ୟନାଥଙ୍କ ସରକାର କ୍ଷମତାସୀନ ପରେ ବର୍ତ୍ତମାନ ସୁଦ୍ଧା ଏନକାଉଟଂରରେ ୧୮୩ଜଣ ଅପରାଧିଙ୍କ ମୃତ୍ୟୁ ଘଟିଲାଣି। ଗତ ୬ବର୍ଷ ମଧ୍ୟରେ ୧୦,୯୦୦ରୁ ଉର୍ଦ୍ଧ୍ୱ ପୋଲିସ ଏନକାଉଟଂର ଘଟଣା ଘଟିସାରିଲାଣି। ଉତରପ୍ରଦେଶରେ ଅପରାଧୀକୁ ସାବାଡ କରିବା ଯୋଗୀ ଆଦିତ୍ୟ ନାଥ ସରକାରଙ୍କ ପ୍ରଥମ ଓ ମୁଖ୍ୟ କର୍ତବ୍ୟ ପାଳଟିଛି ବୋଲି କୁହାଯାଇପାରେ। ଯାହା କି ତାଙ୍କୁ ରାଜ୍ୟରେ ଲୋକପ୍ରିୟ କରାଇ ପାରିଛି ବୋଲି ଏକ ଜନମତ ସର୍ଭେ ରିପୋର୍ଟରେ କୁହାଯାଇଛି। ତେବେ ପୋଲିସ ଉପସ୍ଥିତିରେ ହାତକଡି ପଡିଥିବା ଜଣେ ରାଜନେତା ତଥା ଗ୍ୟାଙ୍ଗଷ୍ଟାର ଏବଂ ତାର ଭାଇକୁ ହତ୍ୟା ଘଟଣା ଏକ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଆଦୌ ଗ୍ରହଣୀୟ ନୁହେଁ କି ଆଦିତ୍ୟନାଥ ସରକାରଙ୍କ ଏନକାଉଟଂର ନୀତିକୁ ସବୁକ୍ଷେତ୍ରରେ ଦେଶର ଆଇନ ଗ୍ରହଣ କରିବ ନାହିଁ। ପୋଲିସ ଉପସ୍ଥିତିରେ ନିରସ୍ତ୍ରଲୋକଙ୍କୁ ହତ୍ୟା ମାନବିକ ଅଧିକାରର ଉଲଂଘନ। ଏଥିଲାଗି ଦାୟୀ ପୋଲିସରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜରୁରୀ। ଅନ୍ୟପକ୍ଷରେ ଯୋଗୀ ସରକାରଙ୍କୁ ମଧ୍ୟ ଦୋଷମୁକ୍ତ ବୋଲି କୁହାଯାଇପାରିବ ନାହିଁ। ଘଟଣାର ନିରପେକ୍ଷ ତଦନ୍ତ ଜରୁରୀ ଆବଶ୍ୟକତା ରହିଛି।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଖାଇଲା ବେଳକୁ ସାତପୁଅର ମା...

ବିଭିନ୍ନ ଶ୍ରମିକ ଓ କର୍ମଚ଼ାରୀ ସଂଗଠନମାନଙ୍କ ଦ୍ୱାରା ସର୍ବନିମ୍ନ ମଜୁରି ଓ ପେନସନ ନିର୍ଦ୍ଧାରଣ ତଥା ୨୦୦୪ ଜାନୁୟାରୀ ପହିଲାରୁ କର୍ମଚ଼ାରୀଙ୍କ ପାଇଁ ଲାଗୁ ହୋଇଥିବା ନୂତନ ପେନସନ ଯୋଜନାକୁ ବାତିଲ କରି ପୁରୁଣା ପେନସନ ଯୋଜନାର ପୁନଃ ପ୍ରଚ଼ଳନ ପାଇଁ ଦାବି ଏବେ ସାରା ଭାରତବର୍ଷରେ ଜୋରଦାର ହେଉଛି। ୨୦୦୪ରୁ ରାଜ୍ୟ ସ୍ତରରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ କର୍ମଚ଼ାରୀମାନଙ୍କର କ୍ରମାଗତ ସଂଘର୍ଷ ଫଳରେ ନୂତନ ପେନସନ ଯୋଜନା ନୀତିରେ କିଛିଟା ପରିବର୍ତ୍ତନ ଆସିବା ସହ ନିକଟ ଅତୀତରେ ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼, ପଞ୍ଜାବ ଓ ହିମାଚ଼ଳ ପ୍ରଦେଶର ରାଜ୍ୟ ସରକାରମାନେ ପୁରାତନ ପେନସନ ଯୋଜନାକୁ ଫେରିବା ପାଇଁ ବିଜ୍ଞପ୍ତି ଜାରି କରିବା ପରେ କର୍ମଚ଼ାରୀ ମହଲରେ ଅନେକ ଆଶାର ସଞ୍ଚାର ହୋଇଥିବାରୁ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ ତୁରନ୍ତ ରଦ୍ଦ କରିବାକୁ ୮ ଡିସେମ୍ବର ୨୦୨୨, ୭ ଓ ୨୧ ଜାନୁୟାରୀ ୨୦୨୩ରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ବା ଘବଖସକ୍ଟଭବକ୍ଷ ଔକ୍ଟସଭଖ୍ୱ ଉକ୍ଟଙ୍କଭମସକ୍ଷ କ୍ଟଲ ଇମଖ୍ୱସକ୍ଟଭ (ଘଔଉଇ) ଅନ୍ତର୍ଭୁକ୍ତ ରେଳବାଇ ସହ ସମସ୍ତ କେନ୍ଦ୍ର ସରକାରୀ କର୍ମଚ଼ାରୀ ଓ ଶିକ୍ଷକମାନଙ୍କ ସହ ଭାରତବର୍ଷର ସମସ୍ତ ରାଜ୍ୟ ସରକାରୀ କର୍ମଚ଼ାରୀମାନେ ନୂଆଦିଲ୍ଲୀରେ ତିନୋଟି ମିଳିତ ବୈଠକ କରି ପୁରୁଣା ପେନସନ ଯୋଜନାର ପୁନଃପ୍ରଚ଼ଳନ ପାଇଁ ଏକ ମିଳିତ ମଞ୍ଚ (ଔକ୍ଟସଭଖ୍ୱ ରକ୍ଟକ୍ଟଙ୍କଙ୍କ ଲକ୍ଟକ୍ଷ ଜରଖ୍ୱ-ଖ୍ୱକ୍ଟକ୍ଷବଖ୍ୱସକ୍ଟଭ କ୍ଟଲ ଙକ୍ଷୟ ଚରଭଖ୍ୱସକ୍ଟଭ ଝମଷରଙ୍କର ବା ଔରଜଙଚଝ) ଜରିଆରେ ସାରା ଦେଶର ଶ୍ରମିକ ଓ କର୍ମଚ଼ାରୀଙ୍କ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ସର୍ବସମ୍ମତି କ୍ରମେ ୨୦୨୩ ପାଇଁ ବର୍ଷସାରାର ଏକ ଆନ୍ଦୋଳନାତ୍ମକ ଚ଼ିଠା ପ୍ରସ୍ତୁତ କରିଛନ୍ତି। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପ୍ରଥମ ଦଫାରେ ୧୦ ଫେବୃୟାରୀ ରୁ ୨୦ ଫେବୃୟାରୀ ୨୦୨୩ ଭିତରେ ନୂତନ ପେନସନ ଯୋଜନାର ଉପଭୋକ୍ତାଙ୍କ ସହ ସମସ୍ତ କର୍ମଚ଼ାରୀ, ପୁରୁଣା ପେନସନଭୋଗୀ, ପରିବାର ପେନସନଭୋଗୀ ଓ ସେମାନଙ୍କର ପରିବାର ସଦସ୍ୟଙ୍କୁ ନେଇ ଦେଶବ୍ୟାପୀ ଏକ ଦସ୍ତଖତ ଅଭିଯାନ କରାଯାଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ପଠେଇବାର ଥିଲା। କିନ୍ତୁ ଯାହା ହୃଦୟଙ୍ଗମ ହେଲା, ଦେଶବ୍ୟାପୀ ଏଭଳି ଏକ ଦସ୍ତଖତ ଅଭିଯାନରେ ସମସ୍ତଙ୍କର ବିଶେଷଭାବେ ନୂତନ ପେନସନ ଯୋଜନାର ଉପଭୋକ୍ତା ଯେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା ସେମାନଙ୍କର ଶତ ପ୍ରତିଶତ ସ୍ୱତଃସ୍ଫୂର୍ତ୍ତ ତଥା ଆନ୍ତରିକ ଯୋଗଦାନ ରହିଲା ନାହିଁ। ପୁରୁଣା ପେନସନ ଯୋଜନା ଅନ୍ତର୍ଭୁକ୍ତ କିଛି ବରିଷ୍ଠ ଓ ଅବସରପ୍ରାପ୍ତ କର୍ମଚ଼ାରୀ ଦସ୍ତଖତ ଅଭିଯାନରେ ଯଦିଓ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଲେ, ପିଡାରୁ ମୁକ୍ତି ପାଇଁ ପ୍ରକୃତ ପିଡୀତଙ୍କ ଆଗ୍ରହ ଆଶାନୁରୂପ ପରିଲକ୍ଷିତ ହେଲାନାହିଁ। ବରଂ 'ମୁଁ କାନ୍ଦୁଥାଏ ତୋ'ରି ପାଇଁ, ହେଲେ ତୋ ଆଖିରେ ଟୋପେ ଲୁହ ଯେ ନାହିଁ' ଭଳିଆ ଅନୁଭବ ହେଲା। ଅନ୍ୟ ପକ୍ଷରେ ସମସ୍ତ ଶ୍ରମିକ କର୍ମଚ଼ାରୀ ସଂଗଠନଗୁଡିକ ମଧ୍ୟ କେନ୍ଦ୍ରୀୟ ସଂଗଠନର ନିର୍ଦ୍ଦେଶାବଳୀକୁ ତୃଣମୂଳ ସ୍ତରରେ ଠିକ ଠିକ ରୁପାୟନ କରିବାରେ ବିଭିନ୍ନ କାରଣରୁ ଅସମର୍ଥ ରହିଲେ। ଏଭଳି ଆଂଶିକ ଅଭିଯାନ ଅସଫଳ ହେବା ସ୍ୱାଭାବିକ।

ପ୍ରଥମତଃ, ବର୍ତ୍ତମାନ ସମୟରେ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଆପଣାଉଥିବା ଶ୍ରମିକ, କୃଷକ, କର୍ମଚ଼ାରୀ ତଥା ଛାତ୍ର ସଂଗଠନଗୁଡିକର ଆଦର୍ଶଗତ ଭିନ୍ନତା ଏତେ ଅଧିକ ଯେ, ଉଦ୍ଦେଶ୍ୟ ଏକ ଥିଲେ ବି ସ୍ୱାଧୀନ ସଂଗଠନ ଓ ନିର୍ଦ୍ଦିଷ୍ଟ ରାଜନୈତିକ ଦଳମାନଙ୍କର ଆଦର୍ଶରେ ଅନୁପ୍ରାଣିତ ଓ ଅନୁବନ୍ଧିତ ସଂଗଠନମାନେ ଗୋଟିଏ ଛତା ତଳେ ଏକାଠି ହୋଇ ହେଇପାରୁନାହାନ୍ତି। ଉଦାହରଣ ଛଳରେ କର୍ମଚ଼ାରୀ ସଂଗଠନମାନଙ୍କର କଥା ଆଲୋଚ଼ନା କରିବାକୁ ଯାଇ ଯଦି ବିଶ୍ୱର ସର୍ବବୃହତ ଡାକସଂସ୍ଥା ଭାରତୀୟ ଡାକ କଥା କୁହାଯାଏ, ତେବେ ଏହି ବିଭାଗରେ ସ୍ୱାଧୀନ ମହାସଂଘ ନ୍ୟାସନାଲ ଫେଡେରେସନ ଅଫ ପୋଷ୍ଟାଲ ଏମ୍ପ୍ଲଇଜ (ଏନଏଫପିଇ) ଓ ଶ୍ରମିକ ସଂଗଠନ ଆଇଏନଟିୟୁସି ଅନୁବନ୍ଧିତ ଫେଡେରେସନ ଅଫ ନ୍ୟାସନାଲ ପୋଷ୍ଟାଲ ଅର୍ଗାନାଇଜେସନ୍ସ (ଏଫଏନପିଓ) ନାମରେ ଦୁଇଟି ମାନ୍ୟତା ପ୍ରାପ୍ତ ମହାସଂଘ ଏବଂ ଶ୍ରମିକ ସଂଗଠନ ବିଏମଏସ ଅନୁବନ୍ଧିତ ଭାରତୀୟ ପୋଷ୍ଟାଲ ଏମ୍ପ୍ଲଇଜ ଫେଡେରେସନ (ବିପିଇଏଫ) ନାମରେ ଏକ ଅଣମାନ୍ୟତାପ୍ରାପ୍ତ ମହାସଂଘ କାର୍ଯ୍ୟରତ। ଏହି ତିନୋଟି ମହାସଂଘମାନଙ୍କ ଅଧୀନରେ ସାମୟିକ କର୍ମଚ଼ାରୀ, ଗ୍ରାମୀଣ ଡାକ ସେବକ, ଚ଼ତୁର୍ଥଶ୍ରେଣୀ, ତୃତୀୟଶ୍ରେଣୀ, ପ୍ରଶାସନିକ କର୍ମଚ଼ାରୀ, ଲେଖା କର୍ମଚ଼ାରୀ, ନିରୀକ୍ଷକ, ପ୍ରଶାସନିକ ଅଧିକାରୀ, ଲେଖା ଅଧିକାରୀ, ସିଭିଲ ଓ ଇଲେକ୍ଟ୍ରିକାଲ ଇଂଜିନିୟର୍ସ, ଗେଜେଟେଡ ଓ ଅଣଗେଜେଟେଡ୍ ଭଳି ଅନ୍ୟୁନ୍ୟ ତିରିଶ ପାଖାପାଖି କ୍ୟାଡରଭିତ୍ତିକ ଛୋଟବଡ ସଂଘ କାର୍ଯ୍ୟରତ। ଗୋଟିଏ ବିଭାଗର ସାଧାରଣ ସମସ୍ୟା, ଏଇ ଯେମିତି ନୂତନ ପେନସନ ଯୋଜନା ଉଚ୍ଛେଦ, ଠିକାଦାରୀ, ଆଉଟସୋର୍ସିଂ, ଘରୋଇକରଣ ବନ୍ଦ, ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ, ସର୍ବନିମ୍ନ ବେତନ ଓ ମହଙ୍ଗା ଭତ୍ତା ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ଇତ୍ୟାଦି ସବୁ କ୍ୟାଡରର କର୍ମଚ଼ାରୀଙ୍କ ପାଇଁ ଏକ ହୋଇଥିଲା ବେଳେ କ୍ୟାଡରଭିତ୍ତିକ ସାଂଗଠନିକ ବାଧ୍ୟବାଧକତା ତଥା ସ୍ୱାଧୀନ ଓ ରାଜନୈତିକ ଚ଼ିନ୍ତାଧାରାରେ ଭିନ୍ନତା ଯୋଗୁଁ ଏଇ ତିନୋଟି ମହାସଂଘ ଡାକ ବିଭାଗର ସମସ୍ତ କର୍ମଚ଼ାରୀଙ୍କୁ ଗୋଟିଏ ମିଳିତ ମଞ୍ଚରେ ଏକତ୍ରିତ କରି ସମୂହ ସ୍ୱାର୍ଥ ପାଇଁ ଆନ୍ଦୋଳନ କରିପାରୁନାହାନ୍ତି। ଅଧିକନ୍ତୁ, ଯେ କୌଣସି ସଂଗ୍ରାମର ସଫଳତାରୁ ଅଧିକ ଲାଭ ପାଉଥିବା ପ୍ରଶାସନିକ ଅଧିକାରୀମାନେ କର୍ମଚ଼ାରୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବାଧା ସୃଷ୍ଟି କରିଥାନ୍ତି। ଫଳରେ ଏକକ ଭାବେ ସ୍ୱାଧୀନ ମହାସଂଘ ଏନଏଫପିଇର ଆଂଶିକ ଆନ୍ଦୋଳନ ସନ୍ତୋଷଜନକ ସଫଳତା ହାସଲ କରିପାରୁ ନାହିଁ। ରେଳବାଇ ସହ କେନ୍ଦ୍ରର ଅନ୍ୟାନ୍ୟ ବିଭାଗ, ରାଜ୍ୟ ସରକାରୀ କର୍ମଚ଼ାରୀ ଓ ଶିକ୍ଷକ ତଥା ଛାତ୍ର ସଂଗଠନଗୁଡିକ ଏହି ମୁଖ୍ୟ ସମସ୍ୟାର ଶିକାର। ଇଂରେଜମାନେ ସିନା ଚ଼ାଲିଗଲେ, ହେଲେ ଆମେ ସମସ୍ତେ ତାଙ୍କରି 'ଡିଭାଇଡ ଆଣ୍ଡ ରୁଲ' ପଲିସିର ପଞ୍ଝାରେ ଏବେ ବି କବଳିତ। ସମୂହ ସ୍ୱାର୍ଥର ସୁରକ୍ଷା ପାଇଁ 'ମଇଁଷି ଶିଙ୍ଗ ଫଟା, ଜୁଝିଲା ବେଳକୁ ଗୋଟା' ନୀତି ନ ଆପଣେଇବା ଯୋଗୁଁ ସମସ୍ୟା ସମାଧାନ ବିଳମ୍ବିତ ହେଉଛି।



ବୃହସ୍ପତି ସାମଲ

ଦ୍ୱିତୀୟତଃ, ପରାଧୀନ ଭାରତରେ ଯେତେବେଳେ ଧାରଣା, ଧର୍ମଘଟ ଆୟୋଜନ କରି ଆନ୍ଦୋଳନ କରିବା ଏକ ଦଣ୍ଡନୀୟ ଅପରାଧ ଥିଲା, ସେ ସମୟରେ ନିଜ ଜୀବନକୁ ବାଜି ଲଗେଇ ସାଧାରଣ ଜନତା, ଶ୍ରମିକ, କୃଷକ ଓ କର୍ମଚ଼ାରୀମାନେ ଦେଶ ଓ ଦଶର କଲ୍ୟାଣ ପାଇଁ ହାସଲ କରିଥିବା ବିଭିନ୍ନ ସୁଖ ସୁବିଧାର ଅନ୍ତରାଳରେ ଯେଉଁ ଲୋମହର୍ଷଣକାରି ସଂଘର୍ଷ ଓ ବଳିଦାନର କଥା ଲୁଚ଼ି ରହିଛି, ଏବର ଯୁବଗୋଷ୍ଠୀ ତାର ଗୁରୁତ୍ୱ ଉପଲବ୍ଧି କରିପାରୁଛନ୍ତି ବୋଲି ମନେ ହୁଏନା। ସ୍ୱାଧୀନତା ପ୍ରାପ୍ତି ପରର ଘଟଣା ମଧ୍ୟ ସେହିଭଳି। ସର୍ବନିମ୍ନ ମଜୁରି, ଯାତାୟାତ ଭତ୍ତା, ମହଙ୍ଗା ଭତ୍ତା, ଆର୍ଥିକ ଅଗ୍ରୀମ, ବୋନସ, ଛୁଟି, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଭଳି ସମସ୍ତ ସୁବିଧା ସୁଯୋଗ ହାସଲ ପଛରେ ଗୋଟିଏ ଗୋଟିଏ କଠିନ ସଂଘର୍ଷର ବଳିଷ୍ଠ କାହାଣୀ ଲୁକ୍କାୟିତ, ଏକଥା ସେମାନେ ହୃଦୟଙ୍ଗମ କରିପାରୁନାହାନ୍ତି। ଶ୍ରମିକ କର୍ମଚ଼ାରୀମାନେ ଉପଭୋଗ କରୁଥିବା ସମସ୍ତ ସୁବିଧା ସୁଯୋଗ କାହାରି ଦାନ ବା ଦୟା ନୁହେଁ, ବରଂ ସେମାନଙ୍କର ଅଦମନୀୟ ସଂଘର୍ଷର ଫଳାଫଳ। ଉଦାହରଣସ୍ୱରୂପ, ସର୍ବନିମ୍ନ ଆବଶ୍ୟକ ମଜୁରି, ମୂଳ ଦରମାରେ ମହଙ୍ଗା ଭତ୍ତା ମିଶ୍ରଣ, ମୂଲ୍ୟବୃଦ୍ଧିର ନିଷ୍କ୍ରଭାବିକରଣ ଆଦି ଦାବି ନେଇ ୧୯ ସେପ୍ଟେମ୍ବର ୧୯୬୮ର କେନ୍ଦ୍ର ସରକାରୀ କର୍ମଚ଼ାରୀମାନଙ୍କର ଏକ ଦିବସୀୟ ସର୍ବଭାରତୀୟ ଧର୍ମଘଟ ଡାକରାରେ ତତ୍କାଳୀନ ସରକାର ଧର୍ମଘଟରେ ସାମିଲ ହୋଇଥିବା ୧୭ ଜଣ କର୍ମଚ଼ାରୀଙ୍କୁ ପୋଲିସ ଓ ମିଲିଟାରୀ ଫୋର୍ସଙ୍କ ଦ୍ୱାରା ଲାଠି ଓ ଗୁଳି ମାଡ ସହ ଟ୍ରେନ ଚ଼ଢେଇ ମାରିଦେଲେ, ପାଖାପାଖି ୧୨ ହଜାର କର୍ମଚ଼ାରୀଙ୍କୁ କାରାଗାରରେ ବନ୍ଦୀ କଲେ, ୪୦ ହଜାର କର୍ମଚ଼ାରୀଙ୍କୁ ନିଲମ୍ବନ କଲେ ଓ ୬୪ ହଜାର କର୍ମଚ଼ାରୀଙ୍କୁ ଚ଼ାକିରୀରୁ ବରଖାସ୍ତ କରିବା ପାଇଁ ନୋଟିସ ଜାରି କଲେ ଏବଂ ସର୍ବୋପରି ଆନ୍ଦୋଳନ କରୁଥିବା ଡାକ ତାର କର୍ମଚ଼ାରୀ ରାଷ୍ଟ୍ରୀୟ ମହାସଂଘ (ଏନଏଫପିଟିଇ ଯାହା ଡାକ ଓ ତାର ଦୁଇଟି ଅଲଗା ଅଲଗା ବିଭାଗ ହେଲାପରେ ଏନଏଫପିଇ ଓ ଏନଏଫଟିଇ ନାମରେ ପରିଚ଼ିତ)ର ମାନ୍ୟତା ପ୍ରତ୍ୟାହାର କରିନେଲେ। ଧର୍ମଘଟର ସୁଫଳ ଯଦିଓ ତୁରନ୍ତ ମିଳି ନଥିଲା, ଏହି ଆନ୍ଦୋଳନ ପରେ ନିଯୁକ୍ତି ପାଇଥିବା ତୃତୀୟ କେନ୍ଦ୍ରୀୟ ବେତନ ଆୟୋଗ ଦାବିଗୁଡିକୁ ଗୁରୁତ୍ୱର ସହ ବିଚ଼ାର କରିଥିଲେ। ଆଜିର ଯୁବପିଢିଙ୍କୁ ଏସବୁ କାହାଣୀ ଭଳି ଲାଗିଲେ ବି ଏ କଥା ବୁଝିବାକୁ ହେବ ଯେ କୌଣସି ସଂଗ୍ରାମ କେବେ ବିଫଳ ହୁଏନି।

ତୃତୀୟତଃ, ନିର୍ଭୟ ହୋଇ ନିଜର ହକ ଓ ସାମ୍ବିଧାନିକ ଅଧିକାର ପାଇଁ ଲଢିବା ଏକ ମାନସିକତା ଯାହା ଅନେକଙ୍କ କ୍ଷେତ୍ରରେ ଏବେ ପରିଲକ୍ଷିତ ହେଉନାହିଁ। ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ସାମଗ୍ରିକ ଉନ୍ନତି ନିମିତ୍ତ ଅନ୍ୟାୟ, ଅତ୍ୟାଚ଼ାର ଓ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ନିରନ୍ତର ଚେଷ୍ଟିତ କିଛି ବିରଳ ବ୍ୟକ୍ତି ବିଶେଷ, ଯେଉଁମାନେ କିଛି କରିପାରନ୍ତି କରନ୍ତି, ଯେଉଁମାନେ କହିପାରନ୍ତି କହନ୍ତି, ଆଉ ଯେଉଁମାନେ ଲେଖିପାରନ୍ତି ଲେଖନ୍ତି। କିନ୍ତୁ ଯେଉଁମାନେ ନା କିଛି କରିପାରନ୍ତି, ନା କହିପାରନ୍ତି, ନା ଲେଖିପାରନ୍ତି, ସେମାନଙ୍କର ନିସର୍ତ୍ତ ଯୋଗଦାନ, ମାନସିକ ଓ ଆର୍ଥିକ ସହଯୋଗ ଯେ କୌଣସି ସଂଗ୍ରାମର ଗତିପଥକୁ ସଫଳତା ଆଡକୁ ତ୍ୱରାନ୍ୱିତ କରେ। ହେଲେ ଆଜିକାଲି ଭିକ ନ ଦେଇ ଥାଳ ଭାଙ୍ଗିବା ଲୋକ ଅନେକ। ଫଳ ଖାଇବେ, ହେଲେ ଗଛ ଲଗେଇବେ ନାହିଁ କିମ୍ବା ଯେଉଁମାନେ ଲଗେଇବେ ତାଙ୍କୁ ସହଯୋଗ ବି କରିବେ ନାହିଁ। ଖାଇଲା ବେଳକୁ ସାତପୁଅର ମା, ହୁଳହୁଳି ଦେଲାବେଳକୁ କିଭରେ ଘା। ପ୍ରତ୍ୟକ୍ଷ ସହଯୋଗ ଓ ଯୋଗଦାନ ନ ଥାଇ, ସଂଗ୍ରାମର ଇତିହାସ ଓ ସଂଗ୍ରାମୀଙ୍କ ବଳିଦାନ କଥା ନ ଜାଣି, ନେତୃତ୍ୱକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାରେ ଅନେକ ସୁବିଧାବାଦୀ ସିଦ୍ଧହସ୍ତ। ତଥାପି, ଲକ୍ଷ୍ୟ ହାସଲ ପାଇଁ ସେମାନଙ୍କୁ ବୁଝେଇବାକୁ ପଡେ, ସେମାନଙ୍କ ଅନାସକ୍ତି ସତ୍ତ୍ୱେ ତାଙ୍କୁ ସଂଗ୍ରାମରେ ସାମିଲ କରାଯାଏ। ଶ୍ରମିକ କର୍ମଚ଼ାରୀ ସଂଗଠନଠାରୁ ଆରମ୍ଭ କରି ରାଜନୈତିକ ଦଳ ପର୍ଯ୍ୟନ୍ତ, ସବୁ ଧାରଣା, ଶୋଭାଯାତ୍ରା, ଧର୍ମଘଟକୁ ଆୟୋଜିତ ବା ପ୍ରାୟୋଜିତ କରିବା ଆଜିକାଲି ଏକ ସାଧାରଣ ଘଟଣା ହେଇଗଲାଣି। ସ୍ୱତପ୍ରବୃତ୍ତ ଯୋଗଦାନ ବହୁ ବିରଳ। ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଅନେକ କର୍ମୀ ବିକ୍ଷୋଭର କାରଣ ବିଷୟରେ ନିହାତି ଅଜ୍ଞ ଥା'ନ୍ତି ଯେହେତୁ ସେମାନେ ସ୍ୱତଃ ଆସି ନଥାନ୍ତି, ବରଂ ସେମାନଙ୍କୁ ଅଣାଯାଇଥାଏ। ସାଉଁଟିଲା କାଣ୍ଡ କି ଯୁଦ୍ଧକୁ ପାଏ ? କୁହାଯାଏ ଜୀବନର ଅନ୍ୟ ନାମ ସଂଗ୍ରାମ। ଆବଶ୍ୟକତାକୁ ଚ଼ାହିଁ ଏହା ଜୀବନର ଏକ ସ୍ୱତଃସ୍ଫୂର୍ତ୍ତ ଧାବମାନ ପ୍ରକ୍ରିୟା ଯାହା ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମନା କରି ଆଗକୁ ଅଗ୍ରସର ହେବାକୁ ସାମର୍ଥ୍ୟ ଯୋଗାଇଥାଏ। ସଂଗ୍ରାମ ବିନା ଆଗକୁ ବଢିବା, ସଫଳତା ପାଇବା, କିଛି ପରିବର୍ତ୍ତନ ଆଣିବା ଅସମ୍ଭବ। ଖାଲି ମଣିଷ ସମାଜ ନୁହେଁ, କୀଟପତଙ୍ଗ, ତରୁଲତା, ପଶୁପକ୍ଷୀ ସମସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷରତ। ନିର୍ଜୀବ ଝରଣାଟିଏ ବି କଠିନ ପାହାଡର ବୁକୁ ଫଟେଇ ପୃଥିବୀର ସୂର୍ଯ୍ୟାଲୋକ ଦେଖିବାଠାରୁ ମହାସାଗରରେ ଲୀନ ହେବା ପର୍ଯ୍ୟନ୍ତ ନିଜ ଚ଼ଲା ପଥରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୁଏ। ଜୀବନ ବଞ୍ଚିବା ଏତେ ସହଜ ନୁହେଁ। ନିଘଞ୍ଚ ଜଙ୍ଗଲରେ କ୍ଷୁଦ୍ର ପାଦପଟିଏ ବି ସୂର୍ଯ୍ୟାଲୋକ ପାଇଁ ବୃହଦକାୟ ବୃକ୍ଷରାଜି ସହ ସଂଘର୍ଷ କରେ। ଶିକାରୀ ଶିକାର ପାଇଁ ତ ଶିକାର ଜୀବନ ବଞ୍ଚ ?ଇବା ପାଇଁ ଅହରହ ଧାବମାନ। କେତେବେଳେ ବଞ୍ଚିବା ପାଇଁ ସଂଗ୍ରାମ ତ କେତେବେଳେ ନିଜର ପ୍ରାଧାନ୍ୟ ଜାହିର କରିବା ପାଇଁ ସଂଗ୍ରାମ। କେତେବେଳେ ଶୋଷଣ, ଅନ୍ୟାୟ, ଅତ୍ୟାଚ଼ାର ଓ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ପାଇଁ ସଂଗ୍ରାମ ତ କେତେବେଳେ ନିଜର ଗଣତାନ୍ତ୍ରିକ ଅଧିକାର ଓ ସ୍ୱାଭିମାନର ସୁରକ୍ଷା ପାଇଁ ସଂଗ୍ରାମ। ଅର୍ଥାତ, ଜୀବନ ଅଛି, ତ ସଂଗ୍ରାମ ଅଛି, ଯାହା ଆୟୋଜିତ କି ପ୍ରାୟୋଜିତ ନୁହେଁ, ବରଂ ସ୍ୱତଃପ୍ରବୃତ୍ତ।

ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକ, କର୍ମଚ଼ାରୀ ତଥା ନାଗରିକମାନଙ୍କର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାର କ୍ରମାଗତ କ୍ଷୁର୍ଣ୍ଣ ହେଉଥିଲା ବେଳେ, ଦଳମତ ନିର୍ବିଶେଷରେ ଏକ ମିଳିତ, ସ୍ୱତଃସ୍ଫୂର୍ତ୍ତ ତଥା ବଳିଷ୍ଠ ସଂଗ୍ରାମର ଆବଶ୍ୟକତା ରହିଛି। ଅନାସକ୍ତ ସଂଗ୍ରାମୀଙ୍କ ଦ୍ୱାରା ଆୟୋଜିତ ସଂଗ୍ରାମ ମୂଲ୍ୟହୀନ। ବେଳହୁଁ ଯୁବପିଢ଼ି ବୁଝିଗଲେ ଭଲ।

*ସାଧାରଣ ସମ୍ପାଦକ,*
*କେନ୍ଦ୍ର ସରକାରୀ କର୍ମଚ଼ାରୀ ଓ*
*ଶ୍ରମିକ ପରିସଂଘ*
*ଓଡିଶା ରାଜ୍ୟ ସମନ୍ୱୟ ସମିତି,*
*ଭୁବନେଶ୍ୱର*
*ମୋବାଇଲ ନଂ: ୯୪୩୭୦୨୨୬୬୯*

# ଓଡ଼ିଆ ଚଉତିଶା ସାହିତ୍ୟର ରାମକଥା

ଓଡ଼ିଆ ସାହିତ୍ୟର ସବୁଠାରୁ ଜନପ୍ରିୟ ସାହିତ୍ୟ ହେଉଛି ଚଉତିଶା। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏପରି କେହି କବି ନାହାନ୍ତି ଯେ କି ଚଉତିଶା ରଚନା କରିନାହାନ୍ତି। ଏହି ଚଉତିଶା ରଚନା କରିବାର କ୍ଷେତ୍ର ଅତି ପ୍ରଶସ୍ତ। ରାମାୟଣର ସମ୍ପୂର୍ଣ୍ଣ ଓ ଖଣ୍ଡିତ ବିଷୟବସ୍ତୁକୁ ନେଇ ଓଡ଼ି ସାହିତ୍ୟରେ ବହୁ ଚଉତିଶା ରଚିତ ହୋଇଛି। ଓଡ଼ିଆ ଗଣଜୀବନରେ ସାହିତ୍ୟ ପ୍ରସାରର ପ୍ରାଥମିକ ଭିତ୍ତି ହେଉଛି ଏହି ଚଉତିଶା। ଓଡ଼ିଆ ସାହିତ୍ୟର ସହସ୍ରାଧିକ ଚଉତିଶା ରଚିତ ହେଉଛି। ମାତ୍ର ପ୍ରକାଶିତ ଚଉତିଶା ଗୁଡ଼ିକ ଅପେକ୍ଷା ଅପ୍ରକାଶିତ ଚଉତିଶା ଗୁଡ଼ିକର ସଂଖ୍ୟା ସର୍ବାଧିକ। ଓଡ଼ିଆ ବର୍ଣ୍ଣମାଳାର ଚଉତିରିଶି ଗୋଟିଏ ବ୍ୟଞ୍ଜନବର୍ଣ୍ଣକୁ କବିତାର ପାଦ୍ୟାଦରେ ବ୍ୟବହାର କରି ଯେଉଁ ଗୀତ ରଚନା କରାଯାଏ ତାହାକୁ ଚଉତିଶା କହନ୍ତି। ଏହାର ମୂଳରୂପ ସଂସ୍କୃତ ସାହିତ୍ୟରେ ପରିଲକ୍ଷିତ ହୁଏ। ପାଲି, ପ୍ରାକୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ଆରବିକ ଓ ପାର୍ସୀ ଭାଷାରେ ଏ ମଧ୍ୟ ଏ ପ୍ରକାର ରଚନା ରୀତି ପ୍ରଚଳିତ। ଯଦିଓ ଏସବୁ ଭାଷାରେ ଅକ୍ଷର ସଂଖ୍ୟା ସମାନ ନୁହେଁ। ରଘୁନାଥଙ୍କର 'ରାମକାରୁଣ୍ୟ ଚଉତିଶା' ଜଗନ୍ନାଥଙ୍କର 'ରାମଶୋକ ଚଉତିଶା', ସଦାନନ୍ଦଙ୍କର 'ରାମ ବିଳାପ ଚଉତିଶା', ପରମାନନ୍ଦଙ୍କର 'ସୀତା ବିଚ୍ଛେଦ ଚଉତିଶା', ଅବଦୁଲ ଲତିଫଙ୍କର



ଡାକ୍ତର ଦିଲ୍ଲୀପ କୁମାର ମହାରଣା

'ରାମ ରୋଦନ ଚଉତିଶା' ପ୍ରଭୃତିରେ ପ୍ରିୟତମା ପତ୍ନୀ, ସତୀ ସୀତା ବିଚ୍ଛେଦର ବା ଅନୁପସ୍ଥିତିରେ ରାମଚନ୍ଦ୍ରଙ୍କର ଅନ୍ତସର କାରୁଣ୍ୟ ଅଭିବ୍ୟକ୍ତ ବର୍ଣ୍ଣିତ। ସୀତା ଅପହରଣ ପରେ ରାମଚନ୍ଦ୍ର ସୀତାଙ୍କ ଅନ୍ୱେଷଣ ଲାଗି ବହୁକାରଣ୍ୟ ପୂର୍ଣ୍ଣ ଖେଦୋକ୍ତି ପ୍ରକାଶ କରିଛନ୍ତି। 'କାନ୍ତା ବିଚ୍ଛେଦ ମାଲ୍ୟ ଗିରି ଶିଖରେ, କରନ୍ତି ଶୋକ ରାମ ସୀତା ବିହୁନେ ଯେ, ଖାଜ ଦଇବ ମୋର ବାଇ ହୋଇଲା, କ୍ଷିତିସୁତା ଅସୁର ପୁରେ ରହିଲା।' କବି ଭୋବାନୀଙ୍କ 'ରାମ ଜଣାଣ ଚଉତିଶା' ଓଡ଼ିଆ ରାମ ସାହିତ୍ୟ ବିକାଶଧାରାରେ ଏକ ବଳିଷ୍ଠ ପଦକ୍ଷେପ। 'କରପତ୍ର ଯୋଡ଼ିଣ କହଇ ଦୀନଜନ, ହେ ପ୍ରଭୁ କୌଶଲ୍ୟା ନିନ୍ଦନ। କଷ୍ଟ ତ ଦେଖ ନେତ୍ରେ କହକି ଖାଇ ମୋତେ, ତୁରିତେ ନୁହେଁ ଅବିଧାନ ହେ ରାମଚନ୍ଦ୍ର।' ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟରେ ଚଉତିଶା ରୂପଟି ସବୁଠାରୁ ଜନପ୍ରିୟ ହୋଇଥିବା ଅନୁମେୟ। ପ୍ରାଚୀନ ଓ ମଧ୍ୟଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ କବିଙ୍କର ଚଉତିଶା ରଚନାରୁ ଏପରି ଅନୁମାନ କରାଯାଇପାରେ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/
୯୪୩୮୫୮୩୨୮୯

# ପିଲାଙ୍କୁ ଶିଖାନ୍ତୁ ଅତିଥି ସେବା



ବିପିନ ବିହାରୀ ରାଉତ

ଶାସ୍ତ୍ରରେ ଉଲ୍ଲେଖ ରହିଛି ଅତିଥିଦେବୋ ଭବ। ଅର୍ଥାତ୍ ଘରକୁ ଆସୁଥିବା ଅତିଥି ହେଉଛନ୍ତି ଦେବତାଙ୍କ ସ୍ୱରୂପ। ଫୁରସତ୍ ମିଳିଲେ ପିଲାକୁ ଶିଖାନ୍ତୁ, ଘରକୁ ଅତିଥି ଆସିଲେ କ'ଣ କରିବା ଉଚିତ୍ । ଘରକୁ କେହି ଆସୁଥିଲେ ଘର ସଜାଡ଼ିବାରେ ପିଲାର ସାହାଯ୍ୟ ନିଅନ୍ତୁ । ସେ ସଚେତନ ହେବ । କଲିଂ ବେଲ୍ ବାଜିଲେ ତାକୁ କବାଟ ଖୋଲିବାକୁ କହନ୍ତୁ । ଅତିଥି ଆସିଲେ ସେମାନଙ୍କ ଚର୍ଚ୍ଚାର କିଛି ଦାୟିତ୍ୱ ତାକୁ ଦିଅନ୍ତୁ । ଖବର କାଗଜ, ପତ୍ରିକା ଆଦି ସେଣ୍ଟର ଟେବଲ୍‌ରେ ରଖିବାକୁ ଶିଖାନ୍ତୁ । ପିଲା ଯେମିତି ଅତିଥିଙ୍କ ଆଗରେ କୌଣସି ଅସଭ୍ୟ ଆଚରଣ ନକରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ବଡ଼ମାନେ କଥା ହେଉଥିବା ବେଳେ ଛୋଟମାନେ ବସିବା ଅନୁଚିତ ବୋଲି କୁହନ୍ତୁ । ଅତିଥି କିଛି ଦିନ ରହିବା ପାଇଁ ଆସୁଥିଲେ, ଗେଷ୍ଟ ରୁମ୍ ସଜାଡ଼ିବାରେ ପିଲାର ସାହାଯ୍ୟ ନିଅନ୍ତୁ । କିଏ ଆସୁଛନ୍ତି ସେ ବିଷୟରେ ପିଲାକୁ ଆଗରୁ କୁହନ୍ତୁ । ସେ ସହଜରେ ମିଶି ପାରିବ । ସକାଳେ ବା ସନ୍ଧ୍ୟାରେ ଅବସର ବେଳେ ଅତିଥିଙ୍କ ସହିତ ତାକୁ ଗପସପ ହେବାକୁ ବସନ୍ତୁ । ପରିବାରର ସଦସ୍ୟ ଭାବେ ତା' ଦାୟିତ୍ୱ ବଢ଼ିବ । ଅତିଥିଙ୍କ ସହିତ କେହି ପିଲା ଆସିଥିଲେ ତାକୁ କୋଠରୀକୁ ନେଇ ଖେଳିବା ବା ଗପ ହେବା ଶିଖାନ୍ତୁ । ବ୍ୟକ୍ତିତ୍ୱ ଗଠନ ପାଇଁ ଅତିଥିଙ୍କ ସହିତ ମିଳାମିଶା କରିବା ଜରୁରୀ । ଅତିଥି ମାନଙ୍କୁ ଆଦର, ଯତ୍ନ ପ୍ରଦାନରେ ଯେପରି ତ୍ରୁଟି ନହୁଏ ସେ ଦିଗକୁ ଦେଖନ୍ତୁ ଏବଂ ପିଲାଟିକୁ ସେହିପରି ଶିକ୍ଷା ଦିଅନ୍ତୁ। ତେବେ ଆଉଗୋଟିଏ କଥା ମନେରଖନ୍ତୁ ଶିକ୍ଷା ନାମରେ ପିଲାଟି ଉପରେ କୌଣସି ଚାପ ସୃଷ୍ଟି କରନ୍ତୁନାହିଁ। ମନେରଖନ୍ତୁ ପିଲାଟିକୁ ଅଯଥା ଗାଳି କରିବେ ନାହିଁ । ଅତିଥିଙ୍କ ବିଷୟରେ ଅଯଥା କୌଣସି ଭୟ ତାମନରେ ସୃଷ୍ଟି କରିବେ ନାହିଁ । ପିଲାର ଅନିଚ୍ଛା ସତ୍ତ୍ୱେ ତାକୁ ଅତିଥିଙ୍କ ଆଗରେ ନାଚିବା, ଗାଇବାକୁ ବାଧ୍ୟ କରିବେ ନାହିଁ । ତା'ଜିଦ୍ ବଢ଼ିବ ଓ ଅତିଥି ମଧ୍ୟ ଅସ୍ୱସ୍ତି ଭୋଗିବେ । ପିଲା ଆଗରେ ପିଲାମାନେ ଅତିଥିଙ୍କ ଆଗରେ ଅଧିକ ମନଯୋଗ ପାଇବାକୁ ଚେଷ୍ଟା କରନ୍ତି । ତାକୁ ଉପେକ୍ଷା କିମ୍ବା ଶାସନ କରିବେ ନାହିଁ । ଆପଣଙ୍କ ଏହି ଅତିଥି ପରାୟଣତା ସଦଗୁଣ ପିଲାଟି ଜୀବନରେ ଏକ ଦିବ୍ୟଗୁଣ ସୃଷ୍ଟି କରିବା ସହ ଅତିଥି ମାନଙ୍କ ସେବା ଓ ସମ୍ମାନ ଦ୍ୱାରା ସେ ଅନେକ କୃପା ଆଶୀର୍ବାଦ ପାଇବା ସହ ତାଙ୍କ ଜୀବନକୁ ଏକ ଦିବ୍ୟମୟ ଗଢ଼ିତୋଳିବାରେ ସମର୍ଥ ହୋଇପାରିବ।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩

# ଅଟକିନି ଜୀବନ : ଜୀବନଯୁଦ୍ଧର ଲଢ଼େଇରେ ଜଣେ ଅଜୟ....

**ଅନୁପମା ଭୂୟାଁ**

ସିଡିଏ ସେକ୍ଟର-୯ ପେଟାନାଳ ରାସ୍ତାରୁ ସରସ୍ୱତୀ ଶିଶୁମନ୍ଦିର ସନ୍ନିକଟ ନାରାୟଣ ଚମ୍ପା ଏଣ୍ଟରପ୍ରାଇଜେସ ଓ୍ୱାର୍କସପ୍। ସକାଳର କୁହୁଡ଼ି ଘେରା ପରିବେଶ ଭିତରେ ଟ୍ରଲି ଉପରେ ବସିଥିବା ଜଣେ ଚଳତଶକ୍ତିହୀନ ମଧ୍ୟ ବୟସର ବ୍ୟକ୍ତିଙ୍କ ଖବର କାଗଜ ପଢ଼ିବା ସହ କିଛି ଛୋଟ ବଡ଼ ମନ୍ତବ୍ୟ ଆମକୁ ଚକିତ କରିଥିଲା। ରାସ୍ତା ବି ସେତେ ଭିଡ଼ ନଥିଲା। 'ସରକାର ସବୁ କରୁଛନ୍ତି, ମୋ ପରି ଖଣ୍ଡିଆ ମାନଙ୍କୁ ସବୁ କୁଆଡ଼େ ଯୋଗାଉଛନ୍ତି ହେଲେ ମୁଁ କେଉଁଠି କିଛି ତ ପାଉନି। ମନେପଡ଼ି ଯାଉଛି ଜନସେବୀ ପ୍ରବାଦ ମୂଲ୍ୟବୋଧଯୁକ୍ତ ସାମ୍ବାଦିକତାର ବଡ଼ ଆଶା ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କ କଥା....। ଏହି ପେପରରେ କାଲେ କେଉଁଠି ସରକାର କ'ଣ ଘୋଷଣା କରିଛନ୍ତି କି ? ଖୋଜି ବୁଲୁଛି ପେପର ଭିତରେ...।' ଛୋଟ ମୁହଁରୁ ଏତେ ବଡ଼ କଥାଟି ଶୁଣି ଆମେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ। ନିଜେ ଚାଲି ପାରୁନଥିବା ଲୋକଟି ସାମ୍ବାଦିକତାର ଅନ୍ୟତମ ଗୌରବ ପ୍ରତୀକ ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କ ନାମ ଶୁଣି ଆମ ଭିତରେ ସୃଷ୍ଟି ହୋଇଥିଲା କିଛି ଜାଣିବାର ଆବେଗ। ଆମେ ତାଙ୍କୁ ନିଜ ପରିଚୟ ଦେବା ପରେ ସେ ସମ୍ମାନ ଜଣାଇ ପ୍ରଥମରୁ କ୍ଷୋଭର ସହିତ କହିବା ଆରମ୍ଭ କରିଥିଲେ। 'ଆମକୁ କୁଆଡ଼େ ଦିବ୍ୟାଙ୍ଗ କହୁଛନ୍ତି, ଏହି ଶୁଣିବାକୁ ଭଲ ଲାଗୁଥିବା ଶବ୍ଦରେ କ'ଣ ପେଟ ପୁରୁଛି ? । ଟ୍ରଲି ଖଣ୍ଡେ ନାହିଁ, ମୁଣ୍ଡ ଉପରେ ଥାନ ରଖିବାକୁ ଘରଟିଏ ବି ନାହିଁ। ଚାରି ପ୍ରାଣୀ ଲୋକଙ୍କୁ ନେଇ ଏଠାରୁ ୩୫ କିଲୋମିଟର ଦୂର ମୋ ପାଇଁ କେତେ ଯେ କଷ୍ଟକର ମୁଁ ଜାଣିଛି। ଆପଣ ମୋ ଗୁହାରୀ ଟିକେ ସରକାରଙ୍କ ପାଖରେ ପହଞ୍ଚାଇବେ ?' ଆମେ ତାଙ୍କୁ କିଛି ପଚାରିବା ପୂର୍ବରୁ ସେ ପୁଣି କହିଚାଲିଥିଲେ ତାଙ୍କ ପୂର୍ବଦିନର କଥା। ଗୋଟିଏ କ'ଣ କାମ ପାଇଁ ନିଜ ଅଞ୍ଚଳର ଅଭାବ ଅସୁବିଧା ସହ ଜଣାଇଥିଲେ ପ୍ରଗତିବାଦୀ କାର୍ଯ୍ୟାଳୟକୁ। ସେତେବେଳେ ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁ ସମ୍ପାଦନା କରୁଥାନ୍ତି ଓ ମେହନତୀ ଦୁଃଖି ଲୋକଙ୍କ ତଥ୍ୟଭିତ୍ତିକ ଖବର ହିଁ ଲୋକଲୋଚନକୁ ଆଣୁଥିଲେ। ଆଉ ତାଙ୍କ ଅସୁବିଧାର ଖବର ସେ ସମୟରେ ପ୍ରଗତିବାଦୀରେ ବାହାରିବା ପରେ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଥିଲା ଆଉ ତାଙ୍କ ଗୁହାରୀ କାର୍ଯ୍ୟକାରୀ ମଧ୍ୟ ହୋଇଥିଲା। ଆମକୁ ଆଶ୍ଚର୍ଯ୍ୟ ଲାଗିଥିଲା ଆଜିର ତଥାକଥିତ ସାମ୍ବାଦିକଙ୍କ ଭିଡ଼ ଭିତରେ ଏବେ ବି କିଛି ଅଛନ୍ତି ଯେଉଁମାନେ ମୂଲ୍ୟବୋଧଯୁକ୍ତ ସାମ୍ବାଦିକତାର ମଉଡମଣି। ସ୍ୱର୍ଗତଃ ପ୍ରଦ୍ୟୁମ୍ନ ବାବୁଙ୍କୁ ବି ଚିହ୍ନି ନାହାନ୍ତି କି ମନେ ପକାଇ ପାରୁନାହାନ୍ତି ସେ ଜାଗାରେ ଏହି ଲୋକଟିର ଭାବାବେଗ ଓ ସ୍ମରଣୀୟ କୃତଜ୍ଞତା ଆମକୁ ଆଶ୍ଚର୍ଯ୍ୟ ଚକିତ କରିଦେଲା। ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କର ପାଖ ଗାଁ କାଇମୁଣ୍ଡି। ପିଲାଟି ଦିନରୁ ମେଧାବୀ ଥିଲେ ବି ପାଠରେ ଡୋରୀ ବାନ୍ଧିଥିଲେ ଅଜୟ। ନିଜେ ଭିନ୍ନକ୍ଷମ ବୋଲି ଅନୁଭବ କଲାପରେ ଘରର ହସ ଖୁସିର ଛୋଟ ସଂସାର ଭିତରେ କଳାବାଦଲ ଘୋରାଇ ଦେଇଥିଲା ସବୁ ଖୁସିର ଆନନ୍ଦକୁ। ସରକାରୀ ଭାବେ ସେ ଷାଠିଏ ପ୍ରତିଶତ ଭିନ୍ନକ୍ଷମ ବୋଲି ସାର୍ଟିଫିକେଟ ଟିଏ ପାଇଛନ୍ତି। କାଙ୍ଗାଳି ରାଉତଙ୍କ ପୁତ୍ର ଅଜୟଙ୍କ ପରିବାର ବୋଇଲେ ସହଧର୍ମିଣୀ ସୁକାନ୍ତି, ପୁଅ ରାଜା ଓ ଝିଅ ରାଣୀ। ନିଜେ ଦିବ୍ୟାଙ୍ଗ ହୋଇଥିଲେ ବି ପୁଅକୁ ଚତୁର୍ଥ ଶ୍ରେଣୀରେ ପଢ଼ାଉଛନ୍ତି ଓ ଝିଅଟି ମାତ୍ର ତିନିବର୍ଷର। ଅନେକ ହାରିଗୁହାରୀ ଓ ସରକାରୀ ବଡ଼ପଣ୍ଡା ମାନଙ୍କ କାକୁତି ମିନତୀ ନିବେଦନ ଓ ପ୍ରଶାସନର କିଛି ତଳିଆ ଲୋକଙ୍କୁ କଷ୍ଟେମଷ୍ଟେ ଛୋଟ ମୋଟ ଖୁସି କରି ମାସକୁ ପାଉଛନ୍ତି ମାତ୍ର ସାତଶହ ଟଙ୍କା ଓ ପନ୍ଦର କେଜି ଚାଉଳ। ତାଙ୍କ ପାଥପୁର ପଞ୍ଚାୟତର ସରପଞ୍ଚଙ୍କୁ ଘରେ ଖଣ୍ଡେ ଓ ଟ୍ରଲି ଖଣ୍ଡେ ପାଇଁ ଅନେକ ଥର ନିବେଦନ କଲେ ବି 'ମୁଁ କ'ଣ ଘରୁ ଆଣିଦେବି ? ଆଉ ଇଏ ତ ଗଛରୁ ଫଳୁନି' ପରି ଫୋପାଡିବା କଥାଟି ଶୁଣି ନିଜ ଭାଗ୍ୟକୁ ଆଦରି ଚୁପ। କଟକରୁ ତାଙ୍କ ଘର କାଇମୁଣ୍ଡି ୩୫ କିଲୋମିଟର ଦୂର। ନିଜେ ବଡ଼ କଷ୍ଟରେ ଯୋଗାଡ଼ କରିଥିବା ଭଙ୍ଗା ତିନିଚକିଆ ଟ୍ରଲିରେ ତାଙ୍କୁ ଯିବା ଆସିବା କରିବା ପାଇଁ ପାଖାପାଖି ପାଞ୍ଚଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଏ। ଅତ୍ୟନ୍ତ ଦୁଃଖର କଥା ଚଳତଶକ୍ତିହୀନ ଏହି ଲୋକଟି କଟକର କାଳିଗଳି, ପାଲାମଣ୍ଡପ, ବାଦାମବାଡ଼ି, ସିଡିଏ ପରି କିଛି ଅଞ୍ଚଳର ପରିଚିତ ହୋଟେଲ ଆଗରେ ଖରାବେଳେ ନିଜ ଗାଡ଼ିଟି ଲଗାଇ ଦିଅନ୍ତି। କର୍ମଚାରୀମାନେ ତାଙ୍କୁ ଟେକି ନେଇ ତାଙ୍କ ବାସନ ସଫା ଯାଗାରେ ପହଞ୍ଚାଇ ଦେବା ପରେ ସେ ଗୋଡ଼ ଲମ୍ବାଇ ବାସନ ମାଜି ଯାହା କିଛି ପାଆନ୍ତି... ଆଉ କିଛି ବଦାନ୍ୟଙ୍କ ହାତଟେକା ଦାନ ଯାହା କିଛି ମିଳେ ତାହାହିଁ ତାଙ୍କ ସେଦିନର ଘର ଓ ତାଙ୍କ ପାଇଁ ଅବଲମ୍ବନର ଗୁଜୁରାଣ। ବସରେ ଯିବା ଆସିବା କଲାବେଳେ ସେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ପଇସା ଦେଇ ଯିବା ଆସିବା କରନ୍ତି କୌଣସି ରିହାତି ତାଙ୍କୁ ମିଳିନଥାଏ। ଘରପାଖ ଦେଇ ବୋହିଯାଉଛି ମହାନଦୀର ଅଥଳ ଜଳରାଶି ସେହିପରି ଅଜୟଙ୍କ ଜୀବନ ଯୁଦ୍ଧର ଲଢ଼େଇ ମଧ୍ୟ ସେହିପରି ବୋହିଯାଉଛି। ବନ୍ୟା, ବାତ୍ୟାବେଳେ ପାଖ ସ୍କୁଲ ଘର ତାଙ୍କର ଅସ୍ଥାୟୀ ମୁଣ୍ଡ ଗୁଞ୍ଜିବାର ଯାଗା ପାଲଟିଥାଏ। ମୁଣ୍ଡ ଉପର ପାଇଁ ଖଣ୍ଡେ ଘର ଆଉ ଚଳତଶକ୍ତିହୀନ ହୋଇଥିଲେ ବି ଖଣ୍ଡେ ମୁଖ୍ୟ ଅବଲମ୍ବନ ଟ୍ରଲିଟି ତାଙ୍କର ନିହାତି ଲୋଡ଼ା। କଟକ ଜିଲ୍ଲାପାଳ ମହୋଦୟଙ୍କୁ ଭେଟିବା ପାଇଁ ଇଚ୍ଛା କରୁଥିଲେ ମଧ୍ୟ ତାଙ୍କ ପାଇଁ ଅକୁଳ ପଡ଼ିଯାଉଛି ଜିଲ୍ଲାପାଳଙ୍କ ସାମ୍ନାକୁ ଯିବାର ସାମର୍ଥ୍ୟ। କେହି ଜଣେ ତାଙ୍କୁ ଉଠାବସା ନକଲେ ତାଙ୍କ ଜୀବନର ସବୁକିଛି ହିଁ ସେ ଟ୍ରଲି ଉପରେ। ସିଡିଏ ଧବଳେଶ୍ୱରଗଡ଼। ଅଞ୍ଚଳର ଉଦ୍ୟମୀ ଆଧାତ୍ମିକ ସମାଜସେବୀ ତ୍ରିନାଥ ଓଝା ଓ ଶ୍ରୀସତ୍ୟ ସାଇ ସେବା ସଙ୍ଗଠନର ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ ତାଙ୍କୁ ବେଳେ ବେଳେ ଆବଶ୍ୟକୀୟ ସାହାଯ୍ୟ ସହଯୋଗ କରନ୍ତି। ଭଲମନ୍ଦ ବୁଝନ୍ତି। 'ଆମପରି ଗରିବ ଗୁରୁବା ଆଉ ଲେଙ୍ଗଡ଼ା, ଖଣ୍ଡିଆଙ୍କୁ କିଏ କାହିଁକି ଯିବ ପଚାରିବାକୁ.... ସରକାର ଆମକୁ ଦିବ୍ୟାଙ୍ଗ କରିଦେଲେ.... କେହି କେହି କହୁଛନ୍ତି କୁଆଡ଼େ ଜଗନ୍ନାଥ ବି ଦିବ୍ୟାଙ୍ଗ.... ପେଟ ସିନା ଏହିପରି ମନବୋଲା ଚିକଣିଆ କଥାରେ ପେଟ ପୁରିଯାଉଛି କିନ୍ତୁ ମୋ ପେଟ ସହିତ ଆଉ ତିନୋଟି ପେଟ ଛଟପଟ ହୋଇଉଠୁଛି ଦାନାଗଣ୍ଡା ପାଇବା ପାଇଁ।' ଟିକିଏ ଟାଣଖରା ପଡ଼ିବା ପରେ ତ୍ରିନାଥ ବାବୁଙ୍କ ଓ୍ୱାର୍କସପ୍ ସାମ୍ନା ରାସ୍ତାଟି ଫର୍ଚ୍ଚା ହୋଇଯାଇଥିଲା। କିନ୍ତୁ ଦୃଢ଼ ମନୋବଳ ଥିବା ଓ ଜଣେ କିମ୍ବଦନ୍ତୀ ଜନସେବୀ ସାମ୍ବାଦିକଙ୍କୁ ମନେପକେଇ ପାରୁଥିବା କାହାକୁ ହାତପାତି ଭିକ ନମାଗି ଚଳତଶକ୍ତିହୀନ ଏହି ଦିବ୍ୟାଙ୍ଗ ଲୋକର ଜୀବନ ଯୁଦ୍ଧର ସ୍ୱାଭିମାନର ଲଢ଼େଇ ଆଗରେ ଆମେ ଭାବୁଥିଲୁ....। ଏମାନେ ଦିବ୍ୟାଙ୍ଗ ନୁହଁନ୍ତି ଆମପରି ପାଠପଢ଼ୁଆ ବାବୁଭାୟାମାନେ ଆଉ ପ୍ରଶାସନର ବଡ଼ ବଡ଼ ହାକିମ ମାନେ ଆଉ ତଥାକଥିତ ସମାଜସେବୀ ସରକାର ଏମାନଙ୍କ ଠାରୁ ବଡ଼ ଦିବ୍ୟାଙ୍ଗ ଆଉ କେହି ତ ନାହାଁନ୍ତି ? ?

'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ଓଡ଼ିଶା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ, ଦ୍ୱିତୀୟ ଦଫାରେ ବ୍ଲକ୍ ଓ ପୌର ସ୍ତରରେ ତାଲିମ ପ୍ରଦାନ

ଭଦ୍ରକ, (ପି.ଏନ): ଓଡ଼ିଶା ପଛୁଆ ବର୍ଗ ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ର ସର୍ଭେ କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି ପର୍ଯ୍ୟାୟକ୍ରମେ ଆଗେଇ ଚାଲିଛି। ଏଥିପାଇଁ ଚଳିତ ମାସ ୪ ତାରିଖରେ ଜିଲ୍ଲାସ୍ତରୀୟ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ପରେ ୬ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌର ସ୍ତରରେ ପ୍ରଥମ ଦଫାରେ ତାଲିମ୍ ପ୍ରଦାନ କରାଯାଇଥିଲା। ଆଜି ତା. ୧୮.୦୪.୨୦୨୩ ରିଖ ମଙ୍ଗଳବାର ଦିନ ପୁଣି ସମସ୍ତ ବ୍ଲକ୍ ଓ ପୌର ସ୍ତରରେ ଦ୍ୱିତୀୟ ଦଫାରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ଯୋଗ୍ୟକି ଆସନ୍ତା ମଇ ୧ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟର ଏହି ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବ। ମଇ ୨୧ ରୁ ୨୭ ତାରିଖ ଯାଏ ଏହି କାର୍ଯ୍ୟ ଲାଗି ସ୍ପେଶାଲ ଡ୍ରାଇଭ୍ କରାଯିବ। ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍ ଓ ୪ଟି ପୌର ପରିଷଦ ର ପ୍ରଶାସନ ଦ୍ୱାରା ଏହି ସର୍ଭେ ନିମନ୍ତେ କ୍ଷେତ୍ର ସ୍ତରରେ କାର୍ଯ୍ୟ କରିବା ପାଇଁ ଥିବା ସମସ୍ତ ଏନ୍ୟୁମରେଟର ଓ ସୁପର ଭାଇଜର ମାନଙ୍କ ପାଇଁ ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ସର୍ଭେ କାର୍ଯ୍ୟରେ ଭଦ୍ରକ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ୍ ଆଜି ଭଣ୍ଡାରିପୋଖରୀ ବ୍ଲକ୍, ଧାମନଗର ବ୍ଲକ୍ ଓ ଧାମନଗର ଏନ୍.ଏ.ସି.ରେ ଅନୁଷ୍ଠିତ ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇ ତାଲିମ ପ୍ରଦାନ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ। ତାଲିମ ପ୍ରଦାନ କାର୍ଯ୍ୟକ୍ରମ ସହିତ ସର୍ଭେକାର୍ଯ୍ୟର ସମସ୍ତ ପ୍ରକ୍ରିୟା ତଦାରଖ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନଙ୍କୁ ମଧ୍ୟ ଦାୟିତ୍ୱ ଅର୍ପଣ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କୁ ଧାମନଗର ବ୍ଲକ୍, ଧାମନଗର ଏନ୍.ଏ.ସି., ଭଣ୍ଡାରିପୋଖରୀ ଓ ତିହିଡ଼ି ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଭଦ୍ରକ ବ୍ଲକ୍, ଭଦ୍ରକ ମ୍ୟୁନିସିପାଲିଟି,ବନ୍ତବ୍ଲକ୍, ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କୁ ଚାନ୍ଦବାଲି ବ୍ଲକ୍ ଓ ଚାନ୍ଦବାଲି ଏନ୍.ଏ.ସି. ଏବଂ ଅତିରିକ୍ତ ଉପଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କୁ ବାସୁଦେବପୁର ବ୍ଲକ ଓ ବାସୁଦେବପୁର ମ୍ୟୁନିସିପାଲିଟିରେ ଦାୟୀତ୍ୱ ଅର୍ପଣ କରାଯାଇଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟରର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ରଙ୍କକ୍ଷସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଶୋକାକୁଳ ପରିବେଶରେ ହେଲା ବେଦାନ୍ତ ଫେକର ଶ୍ରମିକଙ୍କ ଶବ ସତ୍କାର

ଭଦ୍ରକ, (ପି.ଏନ):ବେଦାନ୍ତ ଫେକର ପରିସରରେ ଦୁର୍ଘଟଣାରେ ଗୁରୁତର ଶ୍ରମିକଙ୍କ ମୃତଦେହ ଗାଁରେ ପହ୍ଁଛି। କଡା ସୁରକ୍ଷା ସହ ଶୋକାକୁଳ ପରିବେଶର ଶବ ସତ୍କାର କରାଯାଉଛି। ଖବର ଅନୁସାରେ ଭଦ୍ରକ ଜିଲା ରାନ୍ଦିଆସ୍ଥିତ ବେଦାନ୍ତ ଫେକର ପରିସରରେ ଦୁର୍ଘଟଣାରେ ଦୁଇ କର୍ମଚାରୀ ଗୁରୁତର ହୋଇଥିଲେ। ସେମାନଙ୍କୁ ଅଧିକ ଓ ଉନ୍ନତମାନର ଚିକିତ୍ସା ପାଇଁ ବେଦାନ୍ତ ତରଫରୁ ମୁମ୍ବାଇ ସ୍ଥିତ ନେସନାଲ ବର୍ଣ୍ଣ ସେ ରକୁ ଏୟାର ଲିଫ୍ଟ ହୋଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରତିକାନ୍ତ ସୂତାରଙ୍କର ଦେହାନ୍ତ ହୋଇଛି। ପରେ ରତିକାନ୍ତ ମୃତଦେହ ଭଦ୍ରକ ଗ୍ରାମା ଳ ଥାନା ଅଧୀନ କୋର ଠାରେ ପହଞ୍ଚିଛି।




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତ୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃ ି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍‌ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବ ର୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

## ମଇ ୨୦୨୨ ପାଇଁ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ମଇ ମାସ ୨୦୨୨ ବର୍ଷ ପାଇଁ ୨, ୯, ୧୭, ୨୩ ଓ ୩୧ ତାରିଖ ଦିନ ଜିଲ୍ଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ମଇ ୨ ତାରିଖ ଦିନ ରେମୁଣା ବ୍ଲକ କାର୍ଯ୍ୟାଳୟ, ମଇ ୯ ତାରିଖ ଦିନ ବସ୍ତା ବ୍ଲକ କାର୍ଯ୍ୟାଳୟ, ମଇ ୧୭ତାରିଖ ଦିନ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ, ମଇ ୨୩ତାରିଖ ଦିନ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ଏବଂ ମଇ ୩୧ ତାରିଖ ଦିନ ନୀଳଗିରି ବ୍ଲକ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହେବ । ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହିବେ । ସକାଳ ୭ ଘଟିକା ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଏହା ଚାଲିବ । ଏଥିରେ ଜନସାଧାରଣ ସେମାନଙ୍କର ବିଭିନ୍ନ ଅଭିଯୋଗ ଉପସ୍ଥାପନ କରିପାରିବେ ।

## ଭଗାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକମାନଙ୍କ ବୈଠକ ଅନୁଷ୍ଠିତ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ଜଟେଶ୍ୱର ନନ୍ଦ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସମ୍ପାଦକ ରାଜେନ୍ଦ୍ର କୁମାର ମାଝୀ ଏବଂ ସମ୍ମାନୀତ ଅତିଥି ଭାବେ କୋଷାଧ୍ୟକ୍ଷ ବନମାଳୀ ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ମହାନ୍ତ ବୈଠକ ପରିଚାଳନା କରିଥିବା ବେଳେ ଶେଷରେ ବନ୍ଦେ ମାତାରମ୍ ସଙ୍ଗୀତ ଗାନ କରି ସଭା ସାଙ୍ଗ କରାଯାଇଥିଲା ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲା ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କ ୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବ ର୍ମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍ଏସ୍ ମାର୍କେଟ ଛକଠାରୁ ବିଏସ୍ଏନ୍ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭ ର୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କ ୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କ ୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେ ପ୍ଲା ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କ ୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କ ୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କ ୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀ ର୍ନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ନନ୍ଦରା ଗ୍ରାମ ନିକଟରେ ଓଲଟିଲା ଆମ୍ବୁଲାନ୍ସ



ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖରବା ଗ୍ରାମର ପନ୍ଦନ ଜୁଆଙ୍ଗଙ୍କ ପତ୍ନୀ କମଳା ଜୁଆଙ୍ଗଙ୍କ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିବାରୁ ଆଶା କର୍ମୀ ଉଭୟ ମା' ଓ ଶିଶୁପୁତ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଆଣୁଥିଲେ । ଏହି ସମୟରେ ନନ୍ଦରା ଗ୍ରାମ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ଚାଳକଙ୍କୁ ବ ାଇବାକୁ ଯାଇ ଆମ୍ବୁଲାନ୍ସ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଆମ୍ବୁଲାନ୍ସଟି ଓଲଟି ପଡିଥିଲା । ସୌଭାଗ୍ୟବଶତଃ ମା' ଏବଂ ନବଜାତ ଶିଶୁ ସହିତ କାହାର କିଛି କ୍ଷତି ଘଟି ନ ଥିବା ବେଳେ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ସେମାନଙ୍କୁ ଅଣାଯାଇଥିବା ଜଣାପଡିଛି ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକ ର୍ା । ଅଧାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡ଼ା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀ ର୍ନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃ ି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ସବୁ ଜ୍ଞାତସାରରେ ଶିକ୍ଷାଧିକାରୀମାନେ ଶିକ୍ଷକମାନଙ୍କର ନ୍ୟାୟୋଚିତ ଦାବୀକୁ କାର୍ଯ୍ୟ କରୁ ନଥିବାରୁ ସେମାନଙ୍କ ବିରୁଦ୍ଧାଚରଣ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନିଆ ଯାଇଥିଲା । ଜଣେ ୩୫ ବର୍ଷ ଧରି ଶିକ୍ଷକତା କରି ସାରି ଅବସର ଗ୍ରହଣ ପରେ ଖାଲି ହାତରେ ଫେରିବାକୁ ପଡୁଥିବା ବେଳେ ପୁରୁଣା ପେନସନକୁ ପୁନର୍ବାର ପ୍ରଚଳନ କରିବାକୁ ଦାବୀ କରାଯାଇଥିଲା ଗ୍ରୀଷ୍ମ ଛୁଟିରେ ବ୍ରିଜ କୋର୍ସ ପାଇଁ ପାଇଁ ନିର୍ଦ୍ଧାରଣ କରାଯାଇ ସମୟକୁ ପରିବର୍ତ୍ତନ କରିବାକୁ ସଂଘ ପକ୍ଷରୁ ଦାବୀ ହୋଇଛି । ପୂର୍ବାହ୍ନ ୬ ଘଟିକାରୁ ୯ ଘଟିକା ପରିବର୍ତେ ପୂର୍ବାହ୍ନ ସାଢ଼େ ୬ ଟାରୁ ପୂର୍ବାହ୍ନ ୯ ଘଟିକା ପର୍ଯ୍ୟନ୍ତ କରିବାକୁ ଦାବୀ କରାଯାଇଥିଲା । ବ୍ଲକର ସଂଘ ଓ ଜିଲ୍ଲା ସଂଘକୁ ପୁନଃ ଗଠନ କରିବାକୁ ନିଷ୍ପତି ହୋଇଥିଲା । ପୁରୁଣା ପେନସନ ବ୍ୟବସ୍ଥା, ଗ୍ରେଡ ପେ ବୃଦ୍ଧି ଓ ୬ ବର୍ଷ ଠିକା କାର୍ଯ୍ୟ କଲା ପରେ ମୂଳ ଚାକିରୀରେ ଗଣନା କରିବା ଦାବୀରେ ପ୍ରାଥମିକ ବିଦ୍ୟାଳୟ ସଂଘ ଖୋର୍ଦ୍ଧା ଜିଲ୍ଲା ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତି ହୋଇଥିଲା । ଏଥିରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ରାଜ୍ୟ ଉପଦେଷ୍ଟା ପ୍ରସନ୍ନ କୁମାର ଜେନା ଓ ସୁଶାନ୍ତ ମଳିକ ପ୍ରମୁଖ ଯୋଗଦେଇଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଖୋର୍ଦ୍ଧାରେ 'କୃତ୍ରିମ ଅଙ୍ଗ ନିର୍ମାଣ କେନ୍ଦ୍ର'ର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଖୋର୍ଦ୍ଧାର ଗୁରୁଜଙ୍ଗ ଠାରେ ପ୍ରସିଦ୍ଧ ଜୟପୁର ଫୁଟ୍‌ର ଏକ ନୂଆ କେନ୍ଦ୍ର 'ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟର' ଉଦ୍‌ଘାଟନ କରିଛନ୍ତି ।ଏହାଦ୍ୱାରା ରାଜ୍ୟର ଭିନ୍ନକ୍ଷମ ମାନଙ୍କ ପାଇଁ ନୂଆ ଆଶା ସଞ୍ଚାର ହୋଇଛି । ଜୟପୁର ଫୁଟ୍‌ର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଜରିଆରେ ସେମାନେ ହୋଇପାରିବେ ସକ୍ଷମ । ପ୍ରତିଷ୍ଠାତା ପଦ୍ମଭୂଷଣ ଡଃ ଡି.ଆର ମେହେଟ୍ଟାଙ୍କ ଦ୍ୱାରା ୧୯୭୫ ମସିହାରେ ଜୟପୁର ଫୁଟ୍ ସେଣ୍ଟର ପ୍ରତିଷ୍ଠିତ ହୋଇଥିଲା । ଏହାର ନାମ ହେଉଛି ଭଗବାନ ମହାବୀର ବିକଳାଙ୍ଗ ସେନା ସମିତି। ଏବେ ଜୟପୁର ଫୁଟ ସେଣ୍ଟର ଭାବେ ଏହା ଦେଶ ବିଦେଶରେ ସୁନାମ ଅର୍ଜନ କରିଛି । ଆଜି ଭିନ୍ନକ୍ଷମ ମାନଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ କ୍ଷେତ୍ରରେ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଂସ୍ଥା ଭାବରେ ସୁନାମ ଅର୍ଜନ କରିଛି । ସାରା ବିଶ୍ୱର ୨୧ ଲକ୍ଷ ଭିନ୍ନକ୍ଷମଙ୍କୁ ଏହା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ନୂଆ କେନ୍ଦ୍ରର ସହଯୋଗରେ ଖୁବଶୀଘ୍ର ଓଡିଶାର ସବୁ ଭିନ୍ନକ୍ଷମ ମାନଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦେବାର ଲକ୍ଷ୍ୟ ରହିଛି । ଭିନ୍ନକ୍ଷମ ମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନଙ୍କ ଉପଯୁକ୍ତ ଥଇଥାନ ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ସମସ୍ତେ ମିଶି କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ସେମାନଙ୍କ କଲ୍ୟାଣ ପାଇଁ ଓ ସେମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଅନେକ କାମ କରୁଛନ୍ତି। ସେମାନଙ୍କ ଥଇଥାନ ସହିତ ତାଲିମ ଜରିଆରେ ସେମାନଙ୍କୁ ସଶକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଭିନ୍ନକ୍ଷମମାନଙ୍କ ସହାୟତା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।ଏହି ଅବସରରେ ଜୟପୁର ଫୁଟ କେନ୍ଦ୍ରର ପ୍ରତିଷ୍ଠାତା ଡଃ ମେହେଟ୍ଟାଙ୍କ ଉଚ୍ଚ୍ଚ୍ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସେ ଆଜି ଲକ୍ଷ ଲକ୍ଷ ଭିନ୍ନକ୍ଷମ ମାନଙ୍କ ପାଇଁ ଏକ ଆଶୀର୍ବାଦ ସ୍ୱରୂପ ହୋଇପାରିଛନ୍ତି। ସମାଜ ପ୍ରତି ତାଙ୍କର ପ୍ରତିବଦ୍ଧତା ସମସ୍ତଙ୍କ ପାଇଁ ପ୍ରେରଣା। ଓଡିଶାରେ ଏହି ଅଭିଯାନ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଜୟପୁର ଫୁଟ ଏକ ଅନନ୍ୟ ଉତ୍ପାଦନ ଯାହାକି, ଭିନ୍ନକ୍ଷମ ମାନଙ୍କୁ ସଂପୂର୍ଣ୍ଣ ଭାବେ ସକ୍ଷମ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାକୁ ବ୍ୟବହାର କରି ଜଣ ଭିନ୍ନକ୍ଷମ ବ୍ୟକ୍ତି ଚାଲିବା, ଦୈାଡିବା, ନାଚିବା ଠାରୁ ଆରମ୍ଭ କରି ମଟରସାଇକେଲ ଓ କାର ମଧ୍ୟ ଚଳାଇ ପାରିବ ବୋଲି ସେ କହିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିନ୍ନକ୍ଷମ ଲୋକଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାପାଇଁ ଏକ ଭ୍ରାମ୍ୟମାଣ ଯାନର ଶୁଭାରମ୍ଭ ମଧ୍ୟ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି କେନ୍ଦ୍ରରେ ଏମ୍ ଖାନ ନାମକ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ କାର୍ଯ୍ୟକାରୀ କରିଚାଲିଛି । ଜୟପୁର ଫୁଟ୍ କେନ୍ଦ୍ର ଏ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଜୟପୁର ଫୁଟ୍ କେନ୍ଦ୍ରର ପ୍ରତିଷ୍ଠାତା ଡଃ ଡି.ଆର ମେହେଟ୍ଟା କହିଲେ ଯେ ଭିନ୍ନକ୍ଷମ ମାନଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ ଆମର ଏକ ସାମାଜିକ ପ୍ରତିବଦ୍ଧତା। ୫୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ଏହି ସଂସ୍ଥା ଆଜି ବିଶ୍ୱର ଅନେକ ଦେଶରେ ଭିନ୍ନକ୍ଷମ ମାନଙ୍କୁ ସକ୍ଷମ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି । ଏହି କେନ୍ଦ୍ରରେ ଭିନ୍ନକ୍ଷମ ଲୋକର ବ୍ୟକ୍ତିଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃତ୍ରିମ ଅଙ୍ଗ ପ୍ରସ୍ତୁତ କରାଯାଉଛି । ଭ୍ରାମମାଣ୍ୟ ଯାନ ଜରିଆରେ ରାଜ୍ୟର ସବୁ ଜିଲ୍ଲାକୁ ଯାଇ ଭିନ୍ନକ୍ଷମ ମାନଙ୍କୁ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉପସ୍ଥିତ ଥିଲେ। ଜୟପୁର ଫୁଟ୍ କେନ୍ଦ୍ରର କାର୍ଯ୍ୟନିର୍ବାହୀ ସଭାପତି ଶ୍ରୀ ସତୀଶ ମେହେଟ୍ଟା ସ୍ୱାଗତ ଭାଷଣ ଦେଇଥିଲେ ।

## କୋଇଲା ଡିପୋ ଉପରେ ପ୍ରଶାସନିକ ତଦନ୍ତ ଆରମ୍ଭ

କୋରେଇ,(ପି.ଏନ): ପାଣିକୋଇଲିସ୍ଥିତ ପଥରପଦା ମୌଜାରେ ଥିବା କୋଇଲା ଡିପୋ ଯୋଗୁ ସାଧାରଣ ଲୋକ ଅତିଷ୍ଠ ହୋଇଛନ୍ତି । ଫଳରେ ଏହାକୁ ନେଇ ପ୍ରଦୂଷଣ ବୋର୍ଡ ଓ ଜିଲ୍ଲାପାଳଙ୍କ କୋରାଇ ବ୍ଲକ ମିଳିତ ଜନଶୁଣାଣୀରେ ଅଭିଯୋଗ କରିଛନ୍ତି । ଫଳରେ ପ୍ରଶାସନିକ ସ୍ତରରେ ତଦନ୍ତ ଆରମ୍ଭ ହୋଇଛି । ଘଟଣାସ୍ଥଳକୁ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀଙ୍କ ସମେତ ଏକ ଟିମ ଆସି ପହଂଚି ବାସ୍ତବତାର ତଦନ୍ତ କରିଛନ୍ତି । ଅଭିଯୋଗର ସତତ୍ୟା ପରଖି ଫେରିଛନ୍ତି । ଏହା ପରେ କି କାର୍ଯ୍ୟାନୁଷ୍ଠାନ ପ୍ରଶାସନ ବା ପ୍ରଦୂଷଣ ବୋର୍ଡ ନେଉଛି ତାହା ଦେଖିବାକୁ ବାକି ରହିଲା । ପ୍ରକାଶଯେ ଜଗନ୍ନାଥ କୋଇଲା ଡିପୋ ଯୋଗୁ ପ୍ରଦୂଷଣ ବୃଦ୍ଧି ପାଉଛି । ବିଭିନ୍ନ ସ୍ଥାନରେ ସରକାରୀ ଓ ବେସକାରୀ ଯାଗାରେ କୋଇଲା ଗଚ୍ଛିତ ରହିଛି । ହାଲୁକା ପବନ ହେଲେ ଘରଦ୍ୱାର ସବୁଠି କୋଇଲା ଗୁଣ୍ଡ ପଶୁଛି । ପୂର୍ବରୁ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ କର୍ଣ୍ଣପାତ ନକରିବାରୁ ଅତିଷ୍ଠ ଜନସାଧାରଣ ପ୍ରଦୂଷଣ ବୋର୍ଡ ଓ ଜିଲ୍ଲାପାଳଙ୍କୁ ଜଣାଇବାକୁ ବାଧ୍ୟ ହୋଇଛନ୍ତି । କୋଇଲା ଡିପୋ ଯୋଗୁ ସେଠାରେ ବସବାସ କରୁଥିବା ଲୋକ ମାନଙ୍କ ଘରେ କୋଇଲା ଗୁଣ୍ଡ ପଶି କଳା ହେବା ସହ ବିଭିନ୍ନ ରୋଗର ଆକ୍ରାନ୍ତ ହେବାର ଅଭିଯୋଗ ମଧ୍ୟ ହୋଇଛି । ଏମିତିକି ରାସ୍ତାରେ ଯାଉଥିବା ପଥାଚାରୀ ମାନେ ମଧ୍ୟ ଏହାର ଶିକାର ହେଉଛନ୍ତି । କୋଇଲା ଡିପୋ ଉଠିବା ଦିଗରେ ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାକୁ ଦେଖିବାକୁ ବାକି ରହିଲା ।

# ଜି-୨୦ ଜନଭାଗିଦାରୀ ତତ୍ତ୍ୱାବଧାନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଠାରେ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷାର ମିଶ୍ରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ

ଜୟପୁର,(ପି.ଏନ): ଜି-୨୦ ଜନଭାଗିଦାରୀ ଆନୁକୂଲ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ବସୁଧେବ କୁଟୁମ୍ବକମ୍' ସ୍ଲୋଗାନକୁ ବଜାୟ ରଖି ଗତ ୧୭ ଏପ୍ରିଲ ୨୦୨୩ରେ ସୁନାବେଡ଼ାସ୍ଥିତ ଏହାର କ୍ୟାମ୍ପସରେ 'ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷାର ମିଶ୍ରଣ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଆର୍ ଆଇଇର ପ୍ରଫେସର ତଥା ଏନ୍ ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଏଚ୍ କେ ସେନାପତି, ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇବା ସହ ଶିକ୍ଷାକ୍ଷେତ୍ରରେ ବୈଷୟିକ ସମନ୍ୱୟ ର ସମ୍ଭାବନା ଉପରେ ଆଲୋଚନା କରିବା ପାଇଁ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ, ଗବେଷକ ଓ ନୀତି ନିର୍ଦ୍ଧାରକମାନଙ୍କୁ ଏହା ଏକ ଉପଯୁକ୍ତ ପ୍ଲାଟଫର୍ମର ସୁଯୋଗ ପ୍ରଦାନ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗର ସହକାରୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ (ଭାରପ୍ରାପ୍ତ) ତଥା ସେମିନାରର ସଂଯୋଜକ ଡ. ସୌରଭ ଗୁପ୍ତା ସ୍ୱାଗତ ଭାଷଣ ଦେଇ ଜି-୨୦ ଜନ ଭାଗିଦାରୀର ଧାରଣା ଏବଂ ଭାରତର ଜି-୨୦ ଅଧ୍ୟକ୍ଷତାର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗର ସହକାରୀ ପ୍ରଫେସର ତଥା ଜି-୨୦ ଜନ ଭାଗିଦାରୀର ନୋଡାଲ ଅଫିସର ଡ. ପ୍ରଦୋଷ କୁମାର ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।ପ୍ରଫେସର ସେନାପତି ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ବଢ଼ାଇବା ପାଇଁ ଟେକ୍ନୋଲୋଜିକୁ ଏକ ଉପକରଣ ଭାବେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବୈଷୟିକ ଜ୍ଞାନକୌଶଳ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅନୁଭୂତି ସୃଷ୍ଟି କରିପାରିବ ଏବଂ ଶିକ୍ଷାକୁ ଅଧିକ ସୁଲଭ ଏବଂ ଅନ୍ତର୍ଭୁକ୍ତ କରିପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏନଇପି ୨୦୨୦ କିପରି କାର୍ଯ୍ୟକାରୀ ହେବ ଏବଂ ଟେକ୍ନୋଲୋଜି ଏହାର କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ସେ ବିଷୟରେ କହି ଶିକ୍ଷାଦାନ ଏବଂ ଶିକ୍ଷଣର ମିଶ୍ରଣ ଉପରେ ସେ ବିସ୍ତୃତ ବିବରଣୀ ଦେଇଥିଲେ । ଅତୀତର ଶିକ୍ଷାନୀତି ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଦେଇ ସେ ଏନଇପି ୨୦୨୦ ସହ ସ୍ପଷ୍ଟ ତୁଳନା କରିଛନ୍ତି ।ନୂତନ ଶିକ୍ଷା ନୀତିର ପରିକଳ୍ପନା ଉପସ୍ଥାପନ କରି ସେ କହିଥିଲେ, ପ୍ରଥମେ ଭାରତୀୟ ନୀତି ଉପରେ ଧ୍ୟାନ ଦିଆଯାଉଛି ଏବଂ ଦ୍ୱିତୀୟତଃ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମୂଳ ସହ ଯୋଡ଼ିବା ଉଚିତ। ସେ ଆହୁରି ମଧ୍ୟ କହିଛନ୍ତି, 'ପ୍ରଥମେ ଅନ୍ତର୍ଭୁକ୍ତ, ସମୀକ୍ଷାମୂଳକ, ଜୀବନ୍ତ ଜ୍ଞାନ ସମାଜ ଉପରେ ଗୁରୁତ୍ୱ ଦିଆଯାଉଛି। ଦ୍ୱିତୀୟତଃ, ସେ ମୌଳିକ କର୍ତ୍ତବ୍ୟକୁ ପ୍ରୋତ୍ସାହନ ଦେଇ କହିଥିଲେ, 'ଏହି ନୀତିର ଆଶା କେବଳ ଭାରତୀୟ ନାଗରିକମାନଙ୍କୁ ନୁହେଁ ବରଂ ବିଶ୍ୱ ନାଗରିକମାନଙ୍କୁ ପ୍ରସ୍ତୁତ କରିବା ପାଇଁ। ବିକାଶଶୀଳ ଜ୍ଞାନକୌଶଳ ଏବଂ ଶିକ୍ଷାରେ ଏହାର ସମ୍ପୃକ୍ତି ଉପରେ ଆଲୋକପାତ କରି ସେ କହିଥିଲେ ଯେ, 'ଟେକ୍ନୋଲୋଜି ହେଉଛି ଏକ ଉପକରଣ ଯାହା ଜଣେ ଶିକ୍ଷକଙ୍କୁ ବଦଳାଇ ପାରିବ ନାହିଁ, କିନ୍ତୁ ଏହା କେବଳ ସୁବିଧା ସୃଷ୍ଟି କରିବ। ସେ କହିଛନ୍ତି, ପୂର୍ବ ଶିକ୍ଷା ନୀତିରେ ଏହି ଆଭିମୁଖ୍ୟ ଉତ୍ପାଦ ଭିତିକ ଥିଲା, କିନ୍ତୁ ବର୍ତମାନ ଏନଇପି ୨୦୨୦ରେ ଆମେ ପ୍ରକ୍ରିୟା ଭିତିକ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦେଉଛୁ ।ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ପ୍ରଫେସର ହିମାଂଶୁ ଶେଖର ମହାପାତ୍ର, ପ୍ରଫେସର ହେମରାଜ ମୀନା, ଡ. ବିକେ ଶ୍ରୀନିବାସ, ଡ. ଆର୍ କେ ପାଢୀ ଓ ଡ. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ସଂକ୍ଷିପ୍ତ ପ୍ରଶ୍ନୋତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଜି-୨୦ ଜନଭାଗିଦାରୀ ନୋଡାଲ ଅଫିସର ଡ. ପିକେ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।ଏତଦବ୍ୟତୀତ ଜି-୨୦ ଜନଭାଗିଦାରୀ ଅଧୀନରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ପ୍ରଥମାର୍ଦ୍ଧରେ ଜୈବ ବିଭିଦତା ଓ ପ୍ରାକୃତିକ ସଂରକ୍ଷଣ ସଂଶାଧନ ବିଭାଗର ସହକାରୀ ପ୍ରାଧାପିକା ଡ କାକୋଲି ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଫେସ ପେନଟିଂ, ରଙ୍ଗୋଲୀ ଏବଂ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରବନ୍ଧନ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ସଞ୍ଜବେଳେ ସମୁଦ୍ରକୂଳେ ଆମିଷ ପସରା ଭିଡ଼

ପୁରୀ,(ପି.ଏନ): ମହାତୀର୍ଥ ମହୋଦଧି । ତୀର୍ଥରାଜ ମହୋଦଧି କୂଳରେ ନିତ୍ୟ ଆଳତି କରାଯାଉଛି । ମାତ୍ର ସଞ୍ଜ ନଇଲେ ସମୁଦ୍ରକୂଳେ ଆମିଷ ପସରା ଗହଳି ଲାଗୁଛି । ପୋଟା ମାଛ ଓ ପୋଡ଼ା ମାଛ ଗନ୍ଧରେ ମହକୁଛି ମହୋଦଧି କୂଳ । ଜିଲ୍ଲାରେ ଥିବା ଖାଦ୍ୟ ସୁରକ୍ଷା ନିରୀକ୍ଷକ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ବେଳେ ସଧ୍ୟା ୫ଟା ପରେ ଫାଷ୍ଟଫୁଡ଼ ଦୋକାନ ଖୋଲୁଛି । ସମୁଦ୍ରକୂଳ ବାଲିରେ ମାଛ କଂଟା ,ଚିକେନ ଗୋଡ଼ ଓ ମାଛ କାତି ପଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ବିଭିନ୍ନ ରଙ୍ଗ ମିଶାଇ ମାଛ ଓ ଶୁଖୁଆ ଛାଣି ବିକ୍ରି କରାଯାଉଛି । ଏପରିକି କିଛି ବାସି ଛଣାମାଛ ପୁନର୍ବାର ଛଣା ଯାଇ ଗ୍ରାହକଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ପର୍ଯ୍ୟଟକ ବସିବା ପାଇଁ ଥିବା ପାଚେରିରେ ଅଣ୍ଡା ଦୋକାନ ଓ ଚା ଦୋକାନ ଖୋଲୁଥିବାରୁ ପର୍ଯ୍ୟଟକମାନେ ବସି ପାରୁନାହାନ୍ତି । ଅନ୍ୟ ପକ୍ଷରେ ସମୁଦ୍ର କୂଳେ ଶହ ଶହ ଚେୟାର ଓ ଛତା ପକାଇ କୂଳ ଆଦରି ନେଉଥିବାରୁ ପଛରେ ବସୁଥିବା ପର୍ଯ୍ୟଟକ ସମୁଦ୍ର ଦର୍ଶନରୁ ବଞ୍ଚିତ ହେଉଛନ୍ତି । ବିଦେଶରେ ଏକ ସମୁଦ୍ର କୂଳେ ଖାଲି ବାଲି ଉପରେ ବସିଲେ କାଳେ ଅପରିଷ୍କାର ହେବ ସେଥିପାଇଁ ଆସନ କିମ୍ବା ରୁମାଲ ପକାଇ ବସୁଥିବା ଦେଖିବାକୁ ମିଳେ । ଷ୍ଟର୍ଲିନ ହୋଟେଲ ଠାରୁ ଶ୍ରୀବିହାର ପର୍ଯ୍ୟନ୍ତ ୫ କିଲୋମିଟର ବ୍ୟାପି ସମୁଦ୍ର କୂଳ ଅପରିଷ୍କାର ହେବା ସହ ବାଲି କଳା ପଡ଼ି ଯାଉଥିବା ଦେଖିବାକୁ ମିଳିଛି । ସମୁଦ୍ରକୂଳେ ଆମିଷ ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ଦେଖି ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି । ସମୁଦ୍ର କୂଳକୁ ପରିଷ୍କାର ରଖିବା ପାଇଁ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରିବା ସହ ଦୋକାନି ମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଥଇଥାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଅଂଶୁଘାତର ଶିକାର ଶିକ୍ଷକ ଓ ଛାତ୍ର ଛାତ୍ରୀ

କୋରେଇ,(ପି.ଏନ): ପ୍ରଚଣ୍ଡ ରୌଦ୍ରୀତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ସରକାର ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ ଜରୁରୀ କାମ ନଥିଲେ ଘରୁ ବାହାରକୁ ବାହାରିବାକୁ ବାରଣ କରିଛନ୍ତି । ବାହାରକୁ ଗଲେ ଯଥାସମ୍ଭବ ସାବଧାନତା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୧ରୁ ୧୬ ବିଦ୍ୟାଳୟ ଗୁଡିକୁ ଗରମ ଯୋଗୁ ବନ୍ଦ କରାଯାଇଥିଲା । ମାତ୍ର ୧୭ ତାରିଖ ଠାରୁ ବିଦ୍ୟାଳୟ ଖୋଲିଛି । ସକାଳ ସାଢେ ୬ଟାରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହୁଛି । ଏହା ଫଳରେ ବିଦ୍ୟାଳୟ ଶିକ୍ଷକ/ଶିକ୍ଷିକା ଚାତ୍ର/ଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବା ଦେଖିବାକୁ ମିଳିଛି । ୩୬ ଡିଗ୍ରୀ ତାପମାତ୍ରାରେ ବିଦ୍ୟାଳୟ ବନ୍ଦ କରାଯାଇଥିବା ବେଳେ ୪୨ ଡିଗ୍ରୀ ତାପମାତ୍ରାରେ ବିଦ୍ୟାଳୟ ଖୋଲିବାର କି ରହସ୍ୟ ରହିଛି ତାହା ବୁଝାପଡୁନି । ଅନେକ ବିଦ୍ୟଳୟରେ ବିଦ୍ୟୁତ ସଂଯୋଗ ନାହିଁ । ଯେଉଁଠି ଅଛି ସେଠାରେ ଫ୍ୟାନ ମଧ୍ୟ ନାହିଁ। ଫଳରେ ବିଦ୍ୟାଳୟରେ ୧୧ଟା ପର୍ଯ୍ୟନ୍ତ ରହିବା ଶିକ୍ଷକ/ଶିକ୍ଷିକା ସ ଛାତ୍ର/ଛାତ୍ରୀଙ୍କ ଦ୍ୱାରା ରହିବା ସମ୍ଭବ ନୁହେଁ । ସୋମବାର ବିଦ୍ୟାଳୟ ବନ୍ଦ ପରେ ପଥରପଦା ପଂଚାୟତ ଅନ୍ତର୍ଗତ ନୂଆପଦା ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଯୁକ୍ତା ମହାରଣା ଅଂଶୁଘାତର ଶିକାର ହୋଇଛନ୍ତି । ସେହିପରି ଯାଜପୁର ବ୍ଲକ ମାଳଆନ୍ଦପୁର ପଂଚାୟତର ବାଲିପଶି ଗ୍ରାମର ଜୈନିକ ଛାତ୍ର ଅଂଶୁଘାତର ଶିକାର ହୋଇଥିବା ସୂଚନା ମିଳିଛି । ଏଭଳି କ୍ଷେତ୍ରରେ ସରକାର ୧୧ଟା ପରିବର୍ତେ ୧୦ଟାରୁ ଛୁଟି କରିଦେବାର ଆବଶ୍ୟକତା ରହିଛି ବୋଲି ଅଭିଭାବକ ମହଲରୁ ଦାବି ହୋଇଛି ।

## ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋରେଇ,(ପି.ଏନ): ପାଣିକୋଇଲି ସ୍ଥିତ ଏସଆଇଆଇଟି କମ୍ପ୍ୟୁଟର ସେଂଟର ପରିସରରେ ଓଡିଶା ସ୍କିଲ ଡେଭଲପମେଂଟ ଅଥରିଟି ଓ ୱାଲର୍ଡ ସ୍କିଲ ସେଂଟର ମାଧ୍ୟମରେ ଏକ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ୪୦ରୁ ଉର୍ଦ୍ଧ ଉତ୍ସାହିତ ଯୁବକ/ଯୁବତୀ ମାନେ ଭବିଷ୍ୟତରେ କିଛି ନୂଆ ଉଦ୍ୟୋଗ କରିବା ଆଶରେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ମାସ ଯାଏ ଏସଆଇଆଇଟି କମ୍ପ୍ୟୁଟର ସେଂଟରରେ ଚାଲୁରହିବ । ଏହି କାର୍ଯ୍ୟକ୍ରମରେ ଓଡିଶା ସ୍କିଲ ଡେଭଲପମେଂଟ ଅଥରିଟି ଓ ୱାଲଡ ସ୍କିଲ ସେଂଟର ତରଫରୁ ଜେନେରାଲ ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ପାଢୀ, ଡିପିଏମ ଓଡିଶା ଲିଭିଡ ହୁଡ ମିଶନ ସେଫାଳୀ ଶ୍ୱାସତୀ ମ୍ୟାଡାମ ମିଶନ ଶକ୍ତି, ସଙ୍କଳ୍ପ ତରଫରୁ ଟିମ ଲିଡର ସମରେନ୍ଦ୍ର ଚୌଧୁରୀ, ଲରନେଟ ସ୍କିଲ ଷ୍ଟେଟ ହେଡ ଜ୍ଞାନ ରଂଜନ ଆଚାର୍ଯ୍ୟ, ଟ୍ରେନିଙ୍ଗ ଓ ମନିଟରିଙ୍ଗ ହେଡ ନିହାର ରଂଜନ ଓଝା ଆଦି ଯୋଗଦେଇ ନିଜ ବକ୍ତବ୍ୟ ରଖିବା ସହିତ ଉପସ୍ଥିତ ଭବିଷ୍ୟତ ଉଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କୋଡିନେଟର ଦୋଳ ଗୋବିନ୍ଦ ଦାସ ସଂଚାଳନା କରିଥିବା ବେଳେ ବୋଲି ଅନୁଷ୍ଠାନର ମୁଖ୍ୟ ସନ୍ଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।



